୬ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଜିତିବାରେ ପ୍ରଥମ ଭାରତୀୟ ହେଲେ ବୈଶାଳୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୭୭ ● ୧୭ ଅପ୍ରେଲ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-77 ● 17th April 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



Government of Bharat

ନାରୀ ଶକ୍ତି ବନ୍ଦନ

ପ୍ରତି ସମର୍ପିତ

#NariShaktiVandan



ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି

ଜନ ଧନ ଖାତା ଜରିଆରେ ୩୨ କୋଟିରୁ ଅଧିକ ମହିଳା ହୋଇଛନ୍ତି ସଶକ୍ତ

୧୦ କୋଟିରୁ ଅଧିକ ମହିଳା ୯୦ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡି ହୋଇ ହୋଇଛନ୍ତି ଆତ୍ମନିର୍ଭରଶୀଳ

CBC 22201/13/0013/2627


### ଉତ୍ତରରୁ ଦକ୍ଷିଣ, କୌଣସି ଭେଦଭାବ ହେବନି

# ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ଗ୍ୟାରେଣ୍ଟି ଦେଲେ ମୋଦୀ

**ନୂଆଦିଲ୍ଲୀ, ୧୬।୪**

ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଭିତରେ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗୁରୁବାର ଲୋକସଭାରେ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୬, ଡିଲିମିଟେସନ ବିଲ୍ ୨୦୨୬ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍ ୨୦୨୬ ଉପରେ ମତ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ସେ ସୀମା ପୁନଃ ନିର୍ଦ୍ଧାରଣରେ କୌଣସି ପ୍ରକାରର ଭେଦଭାବ ହେବନାହିଁ ବୋଲି ଗ୍ୟାରେଣ୍ଟି ଦେବା ସହ କଂଗ୍ରେସର ନାଁ ନ ନେଇ ଦଳକୁ ତୀବ୍ର ସମାଲୋଚନା କରିଛନ୍ତି।

ସେ କହିଛନ୍ତି, "ଆମେ ଭାରତକୁ ଗୋଟିଏ ବୋଲି ଦେଖୁଛୁ। ଏହାକୁ ଅଲଗା ଅଲଗା କରି ଦେଖୁ ନାହୁଁ। ସୀମା ପୁନଃ



ନିର୍ଦ୍ଧାରଣ କାହା ପ୍ରତି କୌଣସି ଅନ୍ୟାୟ କରିବ ନାହିଁ। କୌଣସି ରାଜ୍ୟ ସହ ଅନ୍ୟାୟ ହେବ ନାହିଁ ବୋଲି ମୁଁ ପ୍ରତିଶ୍ରୁତି ଦେଉଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ, କାହା ସହ ଭେଦଭାବ ହେବନି।"

ସୀମା ପୁନଃ ନିର୍ଦ୍ଧାରଣ ବିଲ ଉପରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ଏହା ଦକ୍ଷିଣ ଭାରତୀୟ ରାଜ୍ୟର ଆସନ ସଂଖ୍ୟା ହ୍ରାସ କରିବ ଓ ହିନ୍ଦୀ ହାର୍ଟଲ୍ୟାଣ୍ଡର ସଂସଦୀୟ ଶକ୍ତିକୁ ଅଧିକ ମଜବୁତ କରିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଏହାକୁ ଦୃଷ୍ଟିରେ ରଖି ମୋଦୀ କହିଛନ୍ତି ଯେ "ଉତ୍ତରରୁ ଦକ୍ଷିଣ କୌଣସି ଭେଦଭାବ ହେବନାହିଁ। ଭାରତ ହେଉଛି ଗଣତନ୍ତ୍ରର ଜନନୀ। ବିକାଶର ଏହି ଯାତ୍ରାରେ ଆମକୁ ଗୋଟିଏ ନୂଆ ସଫଳତା ଯୋଡ଼ିବାକୁ ପବିତ୍ର ସୁଯୋଗ ମିଳିଛି। ଆମେ ଅତ୍ୟନ୍ତ ଭାଗ୍ୟବାନ। କାରଣ ଆମେ ଦେଶର ଅଧା ଜନସଂଖ୍ୟାକୁ ରାଷ୍ଟ୍ର ନିର୍ମାଣର ନିଷ୍ପତ୍ତି ପ୍ରକ୍ରିୟାରେ ସାମିଲ କରିବାର ସୁଯୋଗ ପାଇଛୁ।"

ସରକାର ମହିଳା ସଂରକ୍ଷଣ ବିଲ୍ ଆଳରେ ସୀମା ପୁନଃ ନିର୍ଦ୍ଧାରଣକୁ ଲାଗୁ କରିବାକୁ ଚାହୁଁଥିବା ଅଭିଯୋଗ ଉପରେ ମୋଦୀ କହିଛନ୍ତି, "ଯେଉଁମାନେ ଅତୀତରେ ଏହାକୁ ବିରୋଧ *(ପୃଷ୍ଠା ୭ରେ)*

# ଶ୍ରୀଜୀଉଙ୍କ ରତ୍ନଭଣ୍ଡାର ଗଣତିମଣତି ଭିତର କାଠ ନିକଟରୁ ଦର୍ଶନ ବନ୍ଦ

**ପୁରୀ, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାରଠାରୁ ଆରମ୍ଭ ହୋଇଥିବା ଶ୍ରୀଜୀଉଙ୍କ ରତ୍ନଭଣ୍ଡାର ଗଣତିମଣତି ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଗଣତି ଦିନରେ ଭିତର କାଠ ନିକଟରୁ ଦର୍ଶନ ବନ୍ଦ ରହିବ। ବାହାର କାଠ ନିକଟରୁ ଦର୍ଶନ କରିବେ ଶ୍ରଦ୍ଧାଳୁ।

ପ୍ରଥମ ଦିନର ଗଣତିରେ ୨୦ରୁ ଊର୍ଦ୍ଧ୍ୱ ରତ୍ନ ଅଳଙ୍କାରର ଗଣତି କରାଯାଇଥିଲା। ଦ୍ୱିତୀୟ ଦିନରେ ସେହିଠାରୁ ହିଁ ଗଣତି ଆରମ୍ଭ ହେବ। ପୁଣିଥରେ ଟ୍ରେଜେରୀରୁ ଦୁଇଟି ଚାବି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଣାଯାଇ ସକାଳ ଧୂପ ପରେ ଖୋଲିବ ରତ୍ନଭଣ୍ଡାର। ପୂର୍ବ ନିର୍ଦ୍ଧାରିତ ଏସଓପି ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଣ୍ଡାର ଘର ଖୋଲାଯାଇ ଗଣତି କାର୍ଯ୍ୟ



ଆରମ୍ଭ ହେବ।

ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ଭିତରକୁ ଟିମ୍ ପ୍ରବେଶ କରିବେ। ଭିତର ଭଣ୍ଡାରକୁ କେବଳ ଅଧିକୃତ ସଦସ୍ୟ ହିଁ ଯିବେ। ଭଣ୍ଡାର ନାୟକ, ଭଣ୍ଡାର ମେକାପ, ତଢ଼ଉ କରଣ, ଦେଉଳ କରଣ ଆଦି ଉପସ୍ଥିତ ରହିବେ।

ଗଣତି ଅଳଙ୍କାରର ୩ଡି ମ୍ୟାପିଂ, ଫଟୋଗ୍ରାଫି, ଭିଡିଓଗ୍ରାଫି ବି କରାଯିବ। ତାଲିକା ଅନୁଯାୟୀ ଭିତର ଭଣ୍ଡାରରେ ରହିଛି ୩୬୭ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଓ ୨୩୧ ପ୍ରକାର ରୂପା ଅଳଙ୍କାର। ତେବେ ଗତ ମାର୍ଚ୍ଚ ୨୫ ତାରିଖରେ ବାହାର ଭଣ୍ଡାରର ଗଣତି ସରିଛି। ଏପ୍ରିଲ ୧୩ ତାରିଖରେ ଭିତର ରତ୍ନ ଭଣ୍ଡାର ଗଣତି ଆରମ୍ଭ ହୋଇଥିଲା।

୧୯୭୮ ତାଲିକା ଅନୁସାରେ, ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ୭୯ଟି ସୁନା ଓ ୩୯ଟି ରୁପା ଅଳଙ୍କାର ରହିଛି। ଏବେ ଗଣତି ବେଳେ ୧୪୮ଟି ଅଳଙ୍କାର ମିଳିଛି। ଯାହାକୁ ୨୦୨୬ର ନୂଆ ତାଲିକାରେ ଯୋଡା ଯାଇଛି। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତି ମଣତି ବନ୍ଦ ରହିଥିଲା। ଏହାପରେ ଗୁରୁବାରଠାରୁ ଗଣତି ଆରମ୍ଭ ହେଉଥିବା ବେଳେ ତାହା ୧୮ ତାରିଖ ଯାଏଁ ଚାଲିବ ।

## ଆଜିର ମୁଖ୍ୟ ଖବର

- ବଲାଙ୍ଗୀରରେ ତୀବ୍ର ଉଷ୍ମତା କାରଣରେ ପାଣି ସଂକଟ ଚିନ୍ତା ବଢିଲା।
- ପୁରୀରେ ସାଂସ୍କୃତିକ ଓ ଧାର୍ମିକ ଉତ୍ସବ ଉତ୍ସାହର ସହିତ ପାଳିତ।
- ଅନୁଗୁଳରେ ଇନ୍ଧନ ଦର ବୃଦ୍ଧିରେ ଦୈନନ୍ଦିନ ଜୀବନ ଓ ଯାତାୟାତ ପ୍ରଭାବିତ।
- କେନ୍ଦୁଝରରେ ସରକାରଙ୍କ ଡିଜିଟାଲ ସେବା ଓ ଇ-ଶାସନ ବିସ୍ତାର ଉପରେ ଗୁରୁତ୍ୱ।
- ଦିଲ୍ଲୀ ବିଧାନସଭା ଅଧ୍ୟକ୍ଷ ବିଜେନ୍ଦ୍ର ଗୁପ୍ତାଙ୍କୁ ଜେଡ ଶ୍ରେଣୀର ସୁରକ୍ଷା।
- ଝାଡ଼ଖଣ୍ଡରେ ନକ୍ସଲ ଆଇଇଡି ବିସ୍ଫୋରଣରେ କୋବ୍ରା ସୈନିକ ଆହତ।
- ମହାରାଷ୍ଟ୍ରର ନାନ୍ଦେଡରେ ଖାଲରେ ଜମିଥିବା ପାଣିରେ ବୁଡ଼ି ଚାରିଜଣ ଶିଶୁଙ୍କ ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୫୭ (+୨୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୬୦ (+୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୬୮ (+୧୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୦ (+୦)

## ଏକାଳ ପଖାଳ



ପରିବାର ପୂରା ଖେଳ ଖେଳୁଅଛି
ପୁରୁଣା ଦଳରେ ଦରଜ
ନୂଆଦଳଟା ମୁଣ୍ଡବିନ୍ଧା ସାଜେ
ଲାଗିବାଟା ନୁହେଁ ସହଜ
ସମସ୍ୟା ବାରଜ ବାରଜ
ତା ଭିତରେ ବି ଫୁଟାଣିଆ ଗୋଷ୍ଠୀ
କରୁଛନ୍ତି ତୁଚ୍ଛା ଗରଜ।

# ଆରମ୍ଭ ହେଲା ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା

**ଭୁବନେଶ୍ୱର, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଗୁରୁବାରଠାରୁ ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି। ଏହା ଏକ ବଡ଼ ପ୍ରଶାସନିକ ଅଭିଯାନ, ଯାହାର ଉଦ୍ଦେଶ୍ୟ ସମଗ୍ର ରାଜ୍ୟରେ ବିସ୍ତୃତ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବା। ଏହି ପ୍ରକ୍ରିୟା ମେ ୧୫ ପର୍ଯ୍ୟନ୍ତ ଚାଲିବ।

ଏହି ଅଭିଯାନ ପାଇଁ ରାଜ୍ୟସାରା ୯୦,୦୦୦ ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନେ ଘରକୁ ଘର ଯାଇ ସୂଚନା ସଂଗ୍ରହ କରିବେ। ନିରୀକ୍ଷଣ ପାଇଁ ୧୫,୧୪୦ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗଣନାକର୍ତ୍ତା (ଏନ୍ୟୁମେରେଟର) ଏବଂ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ଦିଆଯାଇଛି।

ପ୍ରତ୍ୟେକ ଗଣନାକର୍ତ୍ତାଙ୍କୁ ପ୍ରାୟ ୮୦୦ ଜଣଙ୍କର ତଥ୍ୟ ସଂଗ୍ରହ କରିବା ଲକ୍ଷ୍ୟ ଦିଆଯାଇଛି। ପାଖାପାଖି ଜଣେ କର୍ମଚାରୀ ଏହି ସମୟରେ ୧୫୦ ରୁ ୨୦୦ଟି ଘରର ସର୍ଭେ କରିବେ। ଏହା ସହିତ ଘରଗୁଡ଼ିକର ତାଲିକା ପ୍ରସ୍ତୁତ, ନମ୍ବରିଂ କରିବା ଏବଂ ପ୍ରତ୍ୟେକ ପରିବାରର ମୁଖିଆଙ୍କ ସହ କଥାହେବା ମାଧ୍ୟମରେ ସୂଚନା ଲେଖିବା କାମ ମଧ୍ୟ କରାଯିବ। ଏହି ଜନଗଣନାରେ ମୋଟ ୩୩ଟି ପ୍ରଶ୍ନ ସହିତ ଏକ *(ପୃଷ୍ଠା ୭ରେ)*

### ଭାରତ ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ

# ରାଜ୍ୟରେ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେବା ନେଇ ଏମ୍ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ଲୋକସେବାଭବନରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ *(ପୃଷ୍ଠା ୭ରେ)*



# ଦକ୍ଷିଣ ଭାରତୀୟ ରାଜ୍ୟର କୌଣସି କ୍ଷତି ହେବନି: ଶାହା

**ନୂଆଦିଲ୍ଲୀ, ୧୬।୪**

ଡିଲିମିଟେସନକୁ ନେଇ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୟାନ ଦେଇଛନ୍ତି। ଡିଲିମିଟେସନକୁ ନେଇ ଭ୍ରାନ୍ତ ଧାରଣା ପ୍ରଚାର କରାଯାଉଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକର କୌଣସି କ୍ଷତି ହେବନି। ଏବେ ସଂସଦରେ ଦକ୍ଷିଣ ଭାରତୀୟ ପ୍ରତିନିଧି ସଂଖ୍ୟା ୧୨୯। ସୀମା ପୁନଃନିର୍ଦ୍ଧାରଣ ହେଲେ ଏହି ସଂଖ୍ୟା ୧୯୫କୁ ବୃଦ୍ଧି ପାଇବ। ପ୍ରତିନିଧିତ୍ୱ ୨୩.୭୬ ପ୍ରତିଶତରୁ ୨୩.୯୭ ପ୍ରତିଶତକୁ ବୃଦ୍ଧି ପାଇବ। କର୍ଣ୍ଣାଟକର ପ୍ରତିନିଧିତ୍ୱ ନେଇ ତଥ୍ୟ ରଖି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି ଶାହା। ୨୮ ଆସନଥିବା କର୍ଣ୍ଣାଟକ ପ୍ରତିନିଧିତ୍ୱ ବର୍ତ୍ତମାନ ୫.୧୫% ରହିଛି। ଡିଲିମିଟେସନରେ ସିଟ୍ ୪୨ ହେଲେ ପ୍ରତିନିଧିତ୍ୱ ୫.୪୪% ହେବ। ସେହିଭଳି ଭାବରେ ଆନ୍ଧ୍ରପ୍ରଦେଶରେ ୨୫ ସିଟ୍‌ରେ ପ୍ରତିନିଧିତ୍ୱ ୪.୬% ରହିଛି। ଡିଲିମିଟେସନରେ ସିଟ୍ ୩୮ ହେଲେ ଆନ୍ଧ୍ରପ୍ରଦେଶର ପ୍ରତିନିଧିତ୍ୱ ୪.୬୫%କୁ ବଢ଼ିବ। ଗୃହମନ୍ତ୍ରୀ ଭାବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକୁ ଆଶ୍ୱସ୍ତ କରିବାକୁ ଚାହୁଁଛି ବୋଲି ସେ କହିଥିଲେ।

# ସବୁ ସାଂସଦଙ୍କୁ ଚିଠି ଲେଖିଲେ ନବୀନ

**ଭୁବନେଶ୍ୱର, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସବୁ ସାଂସଦଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ୧୩୧ତମ ସମ୍ବିଧାନ ସଂଶୋଧନ ପ୍ରସଙ୍ଗରେ ଚିଠି ଲେଖିଛନ୍ତି। ଚିଠିରେ ରାଜନୈତିକ ପ୍ରତିନିଧିତ୍ୱ ଓ ଅର୍ଥନୈତିକ ସ୍ୱାର୍ଥ କଥା ଉଠାଇ ନବୀନ ଲେଖିଛନ୍ତି ଓଡ଼ିଶାର ଦୀର୍ଘମିଆଦୀ ସ୍ୱାର୍ଥ, ସମାନୁପାତିକ ପ୍ରତିନିଧିତ୍ୱ, ଗୌରବ ଅକ୍ଷୁଣ୍ଣ ଜରୁରୀ। ଡିଲିମିଟେସନରେ ପ୍ରତିନିଧିତ୍ୱ ହାର କମିବା ଜାତୀୟସ୍ତରରେ କ୍ଷତି ପହଞ୍ଚାଇବା- ପ୍ରସ୍ତାବିତ ସମ୍ବିଧାନ ସଂଶୋଧନରେ ଓଡ଼ିଶାର



ପ୍ରତିନିଧିତ୍ୱ ୩.୯ରୁ ୩.୪%କୁ କମିବ। ୬ଟି କ୍ଷତି ସହିବାକୁ ଥିବା ରାଜ୍ୟ ଭିତରେ ଆମକୁ ପଏଣ୍ଟ ୫ କ୍ଷତି ସହିବାକୁ ହେବ। ଓଡ଼ିଶା ଲୋକେ ଆପଣଙ୍କୁ ସଂସଦକୁ ପଠାଇଛନ୍ତି, ଏହା କରିବାକୁ ଦିଅନ୍ତୁ ନାହିଁ। ରାଜ୍ୟର ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥକୁ ସୁରକ୍ଷା ଦିଅନ୍ତୁ। ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳର ବିକାଶ ସତ୍ତ୍ୱେ ଓଡ଼ିଶାକୁ ଦଣ୍ଡିତ କରାନଯାଉ।କେନ୍ଦ୍ରୀୟ ରାଜସ୍ୱକୁ ବଡ଼ ଅବଦାନ ସତ୍ତ୍ୱେ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପୂରଣ ହୋଇନାହିଁ। ଯଦି ଓଡ଼ିଶାର ପ୍ରତିନିଧିତ୍ୱ କମୁନି ତାହେଲେ ସଂଶୋଧନକୁ ସମର୍ଥନ ଉଚିତ। କେନ୍ଦ୍ରରେ ଓଡ଼ିଶା ଅଧିକାର ପାଇଁ ସଂସଦ ଭିତରେ ଓ ବାହାରେ ସ୍ୱର ଉଠାଇବାକୁ ନବୀନ ତାଙ୍କ ଚିଠିରେ ସମସ୍ତ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଖରା ଛୁଟି ନିଷ୍ପତ୍ତି

**ଭୁବନେଶ୍ୱର, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଖରା ଛୁଟି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଛୁଟି ନିଷ୍ପତ୍ତି ନିଆଯିବ। ଯେଉଁ ଜିଲ୍ଲାରେ ଅସହ୍ୟ ଗରମ ସେହି ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ନିଷ୍ପତ୍ତି ହେବ। ପିଲାମାନଙ୍କ ସୁରକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛୁ। ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ଗରମ ହେଉଛି। *(ପୃଷ୍ଠା ୭ରେ)*

# ଭୋଟକୁ ବାଧ୍ୟତାମୂଳକ କରିବା ଆବେଦନ ଖାରଜ



**ନୂଆଦିଲ୍ଲୀ, ୧୬।୪**

ସୁପ୍ରିମକୋର୍ଟରେ ଏକ ଆକର୍ଷଣୀୟ ଆବେଦନର ଶୁଣାଣି ହୋଇଛି। ଆବେଦନରେ ଦାବି କରାଯାଇଥିଲା ଯେ, ଭୋଟକୁ ବାଧ୍ୟତାମୂଳକ କରାଯାଉ। ଯେଉଁମାନେ ଜାଣିଶୁଣି ଭୋଟ୍ ଦେଉ ନାହାନ୍ତି ସେମାନଙ୍କ ଉପରେ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ। ଏପରି ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯିବା ଉଚିତ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ମନା କରି କହିଛନ୍ତି ଯେ, କାହାକୁ ଭୋଟ୍ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଗଣତନ୍ତ୍ରରେ ଭୋଟର ନିଜସ୍ୱ ଗୁରୁତ୍ୱ ଅଛି। ଲୋକଙ୍କୁ ଏହା ବିଷୟରେ ସଚେତନ କରାଯାଇପାରିବ, କିନ୍ତୁ ଆଇନଗତ ଭାବରେ ସେମାନଙ୍କୁ ଏପରି କରିବାକୁ ବାଧ୍ୟ କରାଯାଇପାରିବ ନାହିଁ।

ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, କୋର୍ଟ ନିର୍ବାଚନ କମିଶନଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଭୋଟ୍ ଦେବାରୁ ନିବୃତ୍ତ ରହୁଥିବା ଲୋକଙ୍କ ପାଇଁ ସରକାରୀ ସୁବିଧାକୁ ସୀମିତ କରିପାରିବେ। ପ୍ରଧାନ ବିଚାରପତି ଆବେଦନକାରୀଙ୍କ *(ପୃଷ୍ଠା ୭ରେ)*

# ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରୀ

**ଭୁବନେଶ୍ୱର, ୧୬।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆହୁରି କଲବଲ କରିବ ତାତି। ଆଗାମୀ ୨ ଦିନ ମଧ୍ୟରେ ଦିନର ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢିବାର ସମ୍ଭାବନା ରହିଛି। ଗୁରୁବାର ପଶ୍ଚିମ ଓ ଆଭ୍ୟନ୍ତର ଓଡ଼ିଶାର ବହୁ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂଜାରୀ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହି ଜିଲ୍ଲା ଗୁଡିକ ହେଉଛି ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ସୋନପୁର ଓ ସମ୍ବଲପୁର। ଏଥିସହିତ ଆଗମୀ ୭ ଦିନ ପାଇଁ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଅସହ୍ୟ ଗୁଳୁଗୁଳି ଲାଗି ରହିବ ବୋଲି ପାଣିପାଗ ବିଭାଗ




ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। *(ପୃଷ୍ଠା ୭ରେ)*





# ବୃଦ୍ଧଙ୍କୁ ଆକ୍ରମଣ ଘଟଣାର ପର୍ଦ୍ଦାଫାସ୍

## ସୁପାରୀ ଥିଲା ଜଣଙ୍କୁ, ଆକ୍ରମଣର ଶିକାର ହେଲେ ଅନ୍ୟଜଣେ:୪ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**



ଭୁଲ୍ ପରିଚୟ ପାଇଁ ସୁପାରୀ କିଲରଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ ବୃଦ୍ଧ । ଅର୍ଥାତ୍ ଅଭିଯୁକ୍ତମାନେ ନିଜର ପ୍ରକୃତ ଟାର୍ଗେଟ୍ ବଦଳରେ 'ଭୁଲ୍ ପରିଚୟ' ଯୋଗୁଁ ଅନ୍ୟ ଜଣେ ନିର୍ଦ୍ଦୋଷ ବୃଦ୍ଧଙ୍କୁ ନିଜର ଶିକାର ବନାଇଥିଲେ । କଟକ ସିଡିଏ ସେକ୍ଟର-୬ ଅଞ୍ଚଳରେ ଗତ ଏପ୍ରିଲ ୫ ତାରିଖରେ ଭୁଲ୍ ପରିଚୟ ପାଇଁ ବୃଦ୍ଧ ରକ୍ତାକ୍ତ ଆକ୍ରମଣର ଶିକାର ହେଲେ ବୋଲି ମଙ୍ଗଳବାର ତଥ୍ୟ ରଖିଛି ପୋଲିସ । ବାଦାମବାଡ଼ି ଅଞ୍ଚଳରେ ବହି ବ୍ୟବସାୟ କରୁଥିବା ଚନ୍ଦନ ଭୋଳର ସିଡିଏ ଅଞ୍ଚଳରେ ବ୍ୟବସାୟ କରୁଥିବା ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଦୀର୍ଘ ଦିନରୁ ଆର୍ଥିକ କାରବାରକୁ ନେଇ ଶତ୍ରୁତା ଲାଗି ରହିଥିଲା । ଏହି ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଚନ୍ଦନ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଏବଂ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚନ୍ଦନ ନିଜର ସହଯୋଗୀ ଶିଶିର ଜେନା, ରାଜେଶ ନାୟକ ଓରଫ ଦିନୁ ଏବଂ ରାକେଶ ବେହେରା ଓରଫ ରାକାକୁ ଦେଢ଼ ଲକ୍ଷ ଟଙ୍କାର 'ସୁପାରି' ଦେଇଥିଲେ । ଏହି ଅଭିଯୁକ୍ତମାନେ ଘଟଣା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ବାରମ୍ବାର ବୁଲି ଟାର୍ଗେଟ୍ ଉପରେ ନଜର ରଖିଥିଲେ । ତେବେ ଘଟଣା ଦିନ ସବୁ ଯୋଜନା ଓଲଟପାଲଟ ହୋଇଯାଇଥିଲା । ଅଭିଯୁକ୍ତମାନେ ନିଜର ପ୍ରକୃତ ଟାର୍ଗେଟ୍ ବଦଳରେ 'ଭୁଲ ପରିଚୟ' ଯୋଗୁଁ ଅନ୍ୟ ଜଣେ ନିର୍ଦ୍ଦୋଷ ବୃଦ୍ଧଙ୍କୁ ନିଜର ଶିକାର ବୋଲି ଭାବି ନେଇଥିଲେ । ଜେ.ପି. ନାରାୟଣ ପାର୍କ ନିକଟରେ ସେହି ବୃଦ୍ଧଙ୍କୁ ଏକ ଧାରୁଆ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ବୃଦ୍ଧ ଜଣକ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା । ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଆକ୍ରମଣର ଶିକାର ହେବାପରେ ଏନେଇ ମର୍କତନଗର ଥାନାରେ ଅଭିଯୋଗ ହେବାପରେ କଟକ ଡିସିପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଜିଲ୍ଲା ଯଥା ଅନୁଗୁଳ, ବ୍ରହ୍ମପୁର, କେନ୍ଦୁଝର ଓ କନ୍ଧମାଳରେ ଚଢ଼ଉ କରି ୪ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ଏକ କାର୍, ଏକ ପଲସର୍ ମୋଟର ସାଇକେଲ୍, ଏକ ଧାରୁଆ ଖଣ୍ଡା, ୫ଟି ମୋବାଇଲ୍ ଏବଂ ନଗଦ ୧୧,୦୦୦ ଟଙ୍କା ଜବତ କରାଯାଇଛି । ଏହି ମାମଲାରେ ସଂପୃକ୍ତ ଅନ୍ୟ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ।

# ସାଢ଼େ ୮ ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ:୨ ଗିରଫ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁରରୁ ବିପୁଳ ପରିମାଣର ନକଲି ନୋଟ୍ ଜବତ । କଳା ରଙ୍ଗର ସ୍କୋର୍ପିଓ, ଦୁଇଟି ମୋବାଇଲ ସହ ୨ ଜଣକୁ ଗିରଫ କରିଛି ପୋଲିସ । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ। ରାତିରେ ସୋନପୁର ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଷ୍ଟେଟ୍ ବ୍ୟାଙ୍କ ପାଖାପାଖି ସନ୍ଦେହଜନକ ଭାବରେ ଏକ କଳା ରଙ୍ଗର ସ୍କୋର୍ପିଓ ଦେଖିଥିଲେ । ଗାଡିକୁ ଏସ୍‌ଆଇ ଅନିଲ ବେହେରା ଓ ଟିମ୍ ଅଟକାଇଥିଲେ । ସେହି ଗାଡି ଯାଞ୍ଚ କରିବା ସମୟରେ ପୋଲିସ ଟିମ୍ ଯାଜପୁର ଜିଲ୍ଲା ଜଖପୁର ଗ୍ରାମର ଅଭିଳାଷ ପୁରୁଷୋତ୍ତମ ଶତପଥୀ (୨୧) ଏବଂ ନୟାଗଡ଼ ଜିଲ୍ଲା ଖନପା ଥାନା ମର୍ଦ୍ଦରାଜପୁର ଗ୍ରାମର ପ୍ରଶାନ୍ତ ଦାସ (୩୪)ଙ୍କ ନିକଟରେ ଥିବା ଗୋଟିଏ ନୀଳ ରଙ୍ଗର କ୍ୟାରି ବ୍ୟାଗ୍ ପାଇଥିଲେ । ଉକ୍ତ ବ୍ୟାଗ୍‌କୁ ଖୋଲି ଦେଖିବାରୁ ସେହି କ୍ୟାରି ବ୍ୟାଗ୍‌ରୁ ୧୬୯୫ ଗୋଟି ୫୦୦ ଟଙ୍କିଆ ନୋଟ୍ ସମୁଦାୟ ୮ ଲକ୍ଷ ୪୭ ହଜାର ୫୦୦ ଟଙ୍କା ମିଳିଥିଲା ତାକୁ ଯାଞ୍ଚ କରିବାରୁ ସମସ୍ତ ନୋଟ୍ ନକଲି ବୋଲି ଜଣାପଡିଥିଲା । ତାକୁ ଜବତ କରାଯିବା ସହ ଦୁଇ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ସମୟରେ ଉପରୋକ୍ତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ ଯେ ସେମାନେ ବରଗଡ଼ ଜିଲ୍ଲାରୁ ଏହା ସଂଗ୍ରହ କରି ସୁବର୍ଣ୍ଣପୁର ଜିଲ୍ଲା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ନକଲି ନୋଟ୍‌କୁ ଚାଲାଣ କରୁଥିଲେ । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋନପୁର ଥାନାରେ ଏକ ମାମଲା Case No.୧୨୬ Dt.୧୪.୦୪.୨୦୨୬ U/s- ୧୭୮/୧୭୯/୧୮୦/୬୧(୨) BNS ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଏସ୍‌ପି ନାରାୟଣ ନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ. କେ. ହରିପ୍ରସାଦ ଓ ଏସ୍‌ଆଇ ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଚୋରି ସାମଗ୍ରୀ ଜବତ ସହ ଚୋର ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ ଥାନା ଲକ୍ଷ୍ମୀନଗର ହୁଡ଼ିସାହିରେ ରହୁଥିବା ଆଦିତ୍ୟ ପାତ୍ରଙ୍କ ପୁଅ ଚଗଲା ପାତ୍ର (୪୫)କୁ ଗିରଫ କରିଛି ଯାଜପୁର ରୋଡ ପୋଲିସ । ଯାଜପୁର ରୋଡ ଏସ୍‌ଡ଼ିପିଓ ଶରତ ଚନ୍ଦ୍ର ପାତ୍ରଙ୍କ ସୂଚନା ମୁତାବକ କିଛିଦିନ ପୂର୍ବରୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର ରୋଡ ଦୌରାଜଙ୍କ ବାସ ଭବନ ଓ ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କରୁ ଚୋରି ହୋଇଥିବା ଯାଜପୁର ରୋଡ ଥାନାରେ ଅଭିଯୋଗ ହୋଇଥିଲା । ଏ ସବୁର ଅଭିଯୋଗକୁ ଭିତ୍ତି କରି ଯାଜପୁର ରୋଡ ପୋଲିସର ଏକ ଟିମ୍ ଗଠନ କରି ତଦନ୍ତ ଚଳାଇଥିଲେ । ଏହି ସବୁ କେଶରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଚଗଲା ପାତ୍ରକୁ ପୋଲିସ ଗିରଫ କରିବା ସହ ତା ନିକଟରୁ ଦୁଇ ଗୋଟି ଲାପ୍‌ଟପ୍, ଦୁଇଗୋଟି ମୋବାଇଲ୍ ଫୋନ୍, ଦୁଇଗୋଟି ଟଙ୍କା ଗଣା ମେସିନ୍, ସମେତ ଚାବି ଭାଙ୍ଗିବାର କିଛି ଯନ୍ତ୍ରପାତି ଓ ଆସବାବପାତ୍ର ସିଜ୍ କରାଯାଇଥିବା ଏସ୍‌ଡ଼ିପିଓ ସୂଚନା ଦେଇଥିଲେ । ଏବଂ ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ଯାଜପୁର ରୋଡ, କୁଆଖିଆ ଓ ଜଗତପୁର, ଘସିପୁରା ଥାନାରେ ପୃଥକ୍ ପୃଥକ୍ ଭାବେ ୩୩ ଗୋଟି କେଶ୍ ରହିଥିବା ମଧ୍ୟ ସୂଚନା ଦିଆଯାଇଛି । ଯାଜପୁର ରୋଡ ମାଜିଷ୍ଟ୍ରେଟ୍ ବିରଜା ପ୍ରସାଦ ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତକୁ ଆଇଆଇସି ଆଶିଷ କୁମାର ସାହୁ କେଶ୍ ନମ୍ବର ୨୧୫/୨୦୨୬ ସେକ୍ସନ୍ ୩୩୧/୪/୩୦୫ ବିଏନ୍‌ଏସ୍‌ରେ କୋର୍ଟ ଚାଲାଣ କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଯାଜପୁର ରୋଡ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡ଼ିଆ ଅସ୍ମିତାର ସୁରକ୍ଷା ଯୁବପିଢ଼ିଙ୍କ ଦାୟିତ୍ୱ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଆମ ଓଡ଼ିଆ ଜାତି ଗର୍ବିତ। ଏହି ଆଧାରରେ ଭଦ୍ରକ ପୌରାଞ୍ଚଳ ଅଧିନ ଗବସାହି ବିଷୁବ ପରିଷଦ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଦୀର୍ଘ ୨୬ ବର୍ଷ ଧରି ବିଷୁବ ମିଳନ ନାମରେ ଯେଉଁ ପ୍ରୟାସ ଜାରୀ ରଖିଛି ତାହା ବେଶ୍ ପ୍ରଶଂସାଯୋଗ୍ୟ। ଏହି ଅବସରରେ ପ୍ରତ୍ୟେକଟି ଓଡ଼ିଆ ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ନିଜର ଅସ୍ମିତାକୁ ସକାରାତ୍ମକ ରୂପଦେଇ ପରମ୍ପରାକୁ ପାଳନ କରିବା ଉଚିତ୍ ବୋଲି ଗବସାହି ସ୍ଥିତ ଦୁର୍ଗା ମଣ୍ଡପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଷୁବ ମିଳନ ଉତ୍ସବରେ ଯୋଗଦେଇ ବହୁ ବିଶିଷ୍ଟ ଅତିଥି ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ସମାଜସେବୀ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ରୋଟାରିଆନ୍ ବିଜୟ କୁମାର ସାହୁ ମଣ୍ଡପରେ ଅଧିଷ୍ଠିତ ମା' ଦୁର୍ଗାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉଦଘାଟନ କରିଥିଲେ। ଦେବେଶ ମଲ୍ଲିକ ଓ ଶିକ୍ଷକ ସୁଧୀର ଦାସଙ୍କ ଆବାହନୀ ସଂଗୀତ ପରେ ଆଇନଜୀବୀ ମନୋରଞ୍ଜନ ଦାସ ଅତିଥି ପରିଚୟ, ବରିଷ୍ଠ ଆଇନଜୀବୀ ରାଧା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର ସମ୍ପାଦକ ମୁକ୍ତିକାନ୍ତ ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। 'ଆମ ଓଡ଼ିଶା, ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର ଓ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିହାର ରଞ୍ଜନ କର, ମୁଖ୍ୟବକ୍ତା ଭାବେ ଉଷାରାଣୀ ଜେନା, ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ମନୋରମା ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଅସ୍ମିତାର ସୁରକ୍ଷା ସମସ୍ତ ଓଡ଼ିଆଙ୍କର ସାମୁହିକ କର୍ତ୍ତବ୍ୟ ବୋଲି କହିଥିଲେ। ପରେ ଏକ କବିତା ପାଠଚକ୍ର କବି ମାନସ ପଣ୍ଡା ଓ ସରୋଜିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ଅଂଶଗ୍ରହଣ କରି ଓଡ଼ିଆ ଅସ୍ମିତାକୁ ଋଦ୍ଧିମନ୍ତ କରିବା ଦିଗରେ ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରେ ଅବନି ପ୍ରଧାନ, ଅନତି ପାଣିଗ୍ରାହୀ, ମନୋରମା ରାୟ, ମମତା ସାହୁ, ପ୍ରଣତୀ ମଲ୍ଲିକ, ବିଜୟ ବହଳୀ, ମନୋରଞ୍ଜନ ଦାସ, ସାବିତ୍ରୀ ସେଠୀ, ରତିକାନ୍ତ ବେହେରା, ଅକ୍ଷୟ ନାୟକଙ୍କ ସମେତ ବହୁ କବି ସେମାନଙ୍କ କବିତା ଆବୃତି କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ପଶିଗଲା ବୋଲେରୋ:ଅଳ୍ପକେ ବର୍ତ୍ତିଲେ ଚାଳକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଖୁଣ୍ଟବନ୍ଧ ଆର୍‌ଆଇ ଅଫିସ୍ ସମ୍ମୁଖରେ ଭାରସାମ୍ୟ ହରାଇ କାନ୍ଥ ଭାଙ୍ଗି ଜଣଙ୍କ ଘର ଭିତରକୁ ଏକ ବୋଲେରୋ ପିକଅପ୍ ପଶି ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ପିକ୍‌ଅପ୍ ଚାଳକ ବୌଦ୍ଧ ଥାନା ମଧୁପୁର ଗ୍ରାମର ସତ୍ୟ ପ୍ରଧାନ ଓ ଗାଡିରେ ବସିଥିବା ପୁରୁଣା କଟକ ଥାନା ଝାରକଟା ଗ୍ରାମର ବିରେନ୍ ବିଶି ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ପଟୁ ମନମୁଣ୍ଡା ଆଡକୁ ଯାଉଥିବା ଏକ ବୋଲେରୋ ପିକ୍‌ଅପ୍ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ରବି ମେହେରଙ୍କ ଘର କାନ୍ଥକୁ ଧକ୍କାଦେଇ ପଶିଯାଇଥିଲା । ଫଳରେ ଚାଳକ ସତ୍ୟ ଓ ଗାଡିରେ ବସିଥିବା ବୀରେନ ଗୁରୁତର ଆହତ ହୋଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଗାଡିଚାଳକ ସତ୍ୟ ପ୍ରଧାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ଓ ବିରେନ୍ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଖବରପାଇ ଜହ୍ନାପଙ୍କ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ପରେ ଗାଡ଼ିର କାଚ ଭାଙ୍ଗି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ।

## ପୋଲିସ ଏସ୍.ଆଇ. କେଳେଙ୍କାରୀ ମାମଲା
## ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଜାମିନ୍ ଅବଧିକୁ ବଳବତ୍ତର ରଖିଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ପୋଲିସ ଏସ୍.ଆଇ. କେଳେଙ୍କାରୀ ମାମଲାରେ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି । ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ମିଳିଛି ସାମୟିକ ଆଶ୍ୱସ୍ତି । ଅସୁସ୍ଥତା କାରଣରୁ ଅନ୍ତରୀଣ ଜାମିନରେ ଥିବା ମୁନା ମହାନ୍ତିଙ୍କ ଜାମିନ ଅବଧିକୁ ବଳବତ୍ତର ରଖିଛନ୍ତି ହାଇକୋର୍ଟ । ଶୁଣାଣି ସମୟରେ ମୁନାଙ୍କ ଚିକିତ୍ସା ସମ୍ପର୍କିତ ସମସ୍ତ ତଥ୍ୟ କୋର୍ଟରେ ଦାଖଲ କରିଛି ସିବିଆଇ । ଅନ୍ୟପଟେ ଅସ୍ତ୍ରୋପଚାର ସମ୍ପର୍କିତ ଏକ ସତ୍ୟପାଠ ଦାଖଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସେପର୍ଯ୍ୟନ୍ତ ମୁନା ମହାନ୍ତି ଜେଲ୍ ବାହାରେ ରହି ନିଜର ଚିକିତ୍ସା କରାଇପାରିବେ ।

## ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷାକୁ ନେଇ ଅସନ୍ତୋଷ

**ସାବୁଲିଆ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ CBSE ନିୟମ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିଲାଙ୍କୁ ସେମାନଙ୍କ ପସନ୍ଦର ଭାଷା (ହିନ୍ଦୀ) ପଢ଼ିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ ହୋଇଛି। ବିଶେଷ କରି ୯ମ ଓ ୧୦ମ ଶ୍ରେଣୀରେ ପିଲାଙ୍କ ଉପରେ ବାଧ୍ୟତାମୂଳକ ଓଡ଼ିଆ ବିଷୟ ଲଦି ଦିଆଯାଉଛି। ଅନ୍ୟପଟେ, ୨୦୧୯ରୁ ହିନ୍ଦୀ ଶିକ୍ଷକ ନିଯୁକ୍ତି ବନ୍ଦ ରହିଥିବା ବେଳେ କାର୍ଯ୍ୟରତ ଶିକ୍ଷକଙ୍କ ପାଇଁ ପଦୋନ୍ନତିର ବ୍ୟବସ୍ଥା ନାହିଁ। ବର୍ଷ ବର୍ଷ ଧରି ଅତିଥି ଶିକ୍ଷକଙ୍କ ଭରସାରେ ଶିକ୍ଷାଦାନ ଚାଲିଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଭାଷା ଚୟନର ସ୍ୱାଧୀନତା ଓ ଶିକ୍ଷକ ନିଯୁକ୍ତି ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଅବହେଳା ଜାରି ରହିଲେ ଆଗାମୀ ଦିନରେ ଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା କୁହୁଳୁଛି ।

# ନିଯୁକ୍ତି ମେଳା:୫୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତରଫରୁ ରାହାମା (ସାଇଲୋ) ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ନିଯୁକ୍ତି ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ନିରଞ୍ଜନ ବେହେରା ଅତିରିକ୍ତ ଜିଲ୍ଲାପାଳ ପାରାଦୀପ, ରବୀନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ, ପାରାଦ୍ୱୀପ ଓ ସୁବାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ, ରାହାମା ମହାବିଦ୍ୟାଳୟ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ଼ ତରଫରୁ ପଲ୍ଲନିସ୍ୱାମୀ ଭେଲୁସ୍ୱାମୀ, ସୁମିତ ସେନାପତି, ଶୁଭେନ୍ଦୁ ବିଶ୍ୱାଳ ଉପସ୍ଥିତ ଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ସଭାର ସଭାପତିତ୍ୱ କରିଥିଲେ । ପ୍ରଥମେ ଅତିଥିମାନେ ନିଯୁକ୍ତି ମେଳାରେ ଲାଗିଥିବା ଷ୍ଟଲ୍ ବୁଲି ନିଯୁକ୍ତିଦାତା ମାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ସଭା କାର୍ଯ୍ୟର ଆରମ୍ଭ କରାଯାଇଥିଲା । ମନ୍ତ୍ରୀ ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ ମାନଙ୍କୁ ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାପାଇଁ ପରାମର୍ଶ ଦେଇଥିଲେ। ଯୁବ ପିଢ଼ିମାନଙ୍କୁ ଦକ୍ଷ ହୋଇ ନିଯୁକ୍ତିକ୍ଷମ ହେବାପାଇଁ ଉପଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ମାଧ୍ୟମରେ ସ୍ଥାନୀୟ ଶିଳ୍ପ ମାନଙ୍କରେ ତାଲିମ୍ ନେବାପାଇଁ ମଧ୍ୟ ଉତ୍ସାହିତ କରିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ୍ ୫୪ଟି ସରକାରୀ ଓ ବେସରକାରୀ ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୁବପିଢିଙ୍କୁ ମନୋନୀତ କରିଥିଲେ। ଏହି ନିଯୁକ୍ତି ମେଳାରେ ଜଗତସିଂହପୁର ଜିଲ୍ଲା ଓ ଜିଲ୍ଲା ବାହାରୁ ୧୮୮୬ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ମନ ପସନ୍ଦର ନିଯୁକ୍ତି ସଂସ୍ଥା ବାଛିଥିଲେ । ୫୬ ଜଣ ନିଯୁକ୍ତି ଆଶାୟୀ ମାନଙ୍କୁ ମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ଅଶୋକ କୁମାର ମଡୁଆଳ, ସଞ୍ଜୟ ପରିଡା, ସମ୍ପିତ ନାୟକ, ଦିବ୍ୟଜ୍ୟୋତି ମହାପାତ୍ର, ସ୍ୱର୍ଣ୍ଣଶ୍ରୀ ଦାସ, ଅଶୋକ କହ୍ନର, ଅଜିତ ଦଳେଇ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।





# ରେଡ଼ ରିବନ୍ କ୍ଲବ ପକ୍ଷରୁ ଏଚ୍‌ଆଇଭି-ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗାଇସିଲେଟ୍ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ଏକ ଏଚ୍‌ଆଇଭି ଏଡସ୍ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଛି । ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁକ୍ତ ଦୁଇ କାଉନ୍‌ସେଲର ତଥା ଇଂରାଜୀ ଅଧ୍ୟାପିକା ପ୍ରତୀକ୍ଷା ତନସନା, ଇତିହାସ ଅଧ୍ୟାପକ ଦଶରଥ ମେହେର, ଯୁକ୍ତ ତିନି କାଉନ୍‌ସେଲର ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ଅରୁଣ କୁମାର ମୁନା, ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ସହିତ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଧାନ, ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ନାରାୟଣ ମିଶ୍ର, ହେମନ୍ତ କୁମାର ପଣ୍ଡା ଓ ମୁଖ୍ୟ ବକ୍ତା ଡ଼ା ଅମିତ ଦାଶ ମଞ୍ଚାସୀନ ଥିଲେ । ଯୁକ୍ତ ଦୁଇ କାଉନ୍‌ସେଲର ପ୍ରତୀକ୍ଷା ତନସନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଡା. ଅମିତ ଦାଶ ଏଚ୍‌ଆଇଭି ଏଡ଼ସ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷଙ୍କ ଅଭିଭାଷଣରେ ବେଳ ଥାଉ ଥାଉ ସାବଧାନ ରହିବା ପାଇଁ ଯୁଥ ରେଡକ୍ରସ ସ୍ୱେଚ୍ଛାସେବୀ ସେବିକା ମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଅଧ୍ୟାପିକା ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସଭା ସାଙ୍ଗ କରାଯାଇଥିଲା ।

# ସାଇକେଲରେ ଗାନ୍ଧୀ ବାର୍ତ୍ତା ପ୍ରଚାର କରୁଛନ୍ତି ଗଙ୍ଗାଧର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଦୀର୍ଘ ୯ ବର୍ଷ ହେଲା ସାଇକେଲ ଯୋଗେ ଗାଁକୁ ଗାଁ, ଜିଲ୍ଲାକୁ ଜିଲ୍ଲା ବୁଲି ପ୍ରଚାର କରୁଛନ୍ତି ଗାନ୍ଧୀ ଦୂତ ଗଙ୍ଗାଧର ଦନ୍ତ। ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଛକ ନିକଟରେ ପହଞ୍ଚିଥିବା ବେଳେ ସମ୍ବାଦ ପ୍ରତିନିଧି ସୁଧାଂଶୁ ଶେଖର ମିଶ୍ର ତାଙ୍କୁ ଭେଟିଥିଲେ ଏବଂ ତାଙ୍କୁ ପଚାରିବାରୁ ଅନଗୁଳ ଜିଲ୍ଲା କିଆକଟା ଥାନା ଗୌତମପୁର ଗ୍ରାମର ବର୍ଷିଆନ ନାଗରିକ ଶ୍ରୀ ଦନ୍ତ ୨୦୧୬ ଅକ୍ଟୋବର ୨୮ ତାରିଖ ଠାରୁ ଏହିଯାତ୍ରା ଆରମ୍ଭ କରିଥିବା କହିଥିଲେ ଏବଂ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଗାଆଁ ଗାଆଁ ବୁଲି ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବାପାଇଁ ସଂକଳ୍ପ ନେଇଥିବା କହିଥିଲେ।

# ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ:ଚୋରା ବାଲି ଉପରେ ଗୁରୁତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ରକୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଜିଲ୍ଲାରାଜସ୍ୱ ଅଧିକାରୀ ଚିନ୍ମୟୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ତହସିଲରେ ପଡିରହିଥିବା ରାଜସ୍ୱ ମାମଲାଗୁଡିକୁ ଶିଘ୍ର ଫଇସଲା କରିବା, ରାଜସ୍ୱ ଆଦାୟ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ତହସିଲରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ମରାମତି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ଚୋରା ବାଲି ଚାଲାଣ କରୁଥିବା ବ୍ୟକ୍ତି ଓ ଗାଡିଗୁଡିକୁ ଜବତ କରିବା ସହ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡିକୁ ଉଦ୍ଧାର କରି ତାର ବାଡ ଦେଇ ସୁରକ୍ଷିତ ରଖିବା, ଜିଲ୍ଲାର ବିଭିନ୍ନ ସରକାରୀ ରାସ୍ତା ଉପରେ ମାଡି କରିଥିବା ଘର ଗୁଡିକୁ ଭାଙ୍ଗିବା ଉପରେ ଆଲୋଚନା କରାଯାଇଥିଲା। ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ମୀନ | ଲରଶୁ | କୁମ୍ଭେ ୩ ୯ / ରା ୧ ୧ |
| ୪ | ୨୭ / ୧୨ | ୧୦ |
| ବୁକେ / ୨ | ୭ | ୮ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୭।୦୪।୨୦୨୬, ବୈଶାଖ ଦି୪ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୨୯।୨୫ ଚନ୍ଦ୍ରୋଦୟ- ପ୍ରାଘ ୫।୪୦।୦୬**
**ଅମାବାସ୍ୟା-** ସଂଘ ୫।୨୨ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ଦିଘ ୧୨।୦୩ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଦିଘ ୧୨।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ଦିଘ ୧୨।୦୩ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୧୨।୦୩ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୫।୨୨ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୬।୨୩ ମଧ୍ୟେ । ଦିଘ ୧୨।୧୩ ଗତେ ଦିଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ରୁକ୍ମିଣୀ ଅମାବାସ୍ୟା, ବୈଶାଖ ଅମାବାସ୍ୟା, ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ।



**ମେଷ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଘରେ ଅସନ୍ତୋଷ ଦେଖାଦେବ। ମହିଳାମାନେ ଅଳସୁଆ ହେବେ ।



**ବୃଷ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମିଥୁନ:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାରରେ ଉନ୍ନତି ଦେଖାଦେବ। ଘରେ ଆନନ୍ଦ ଲାଭ ହେବ। ଦୂରକୁ ଯାତ୍ରା କରିପାରନ୍ତି ।



**କର୍କଟ:** ଦେହ ଓ ମନ ଭଲ ରହିବ। ଦୂର ଯାତ୍ରା କରି ସଫଳତା ହାସଲ କରିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ସିଂହ:** ଯଶସ୍ୱୀ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରେ। ବନ୍ଧୁଙ୍କ ସହ ଭେଟ ହୋଇପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ଆୟ ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ କରିପାରନ୍ତି। କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ ।



**ତୁଳା:** ଅନ୍ୟମନସ୍କ ହେତୁ ସମସ୍ୟା ଦେଖାଦେଇପାରେ। ପରୋପକାର କରି ଖୁସି ହେବେ। ଧନ ଲାଭ ହେବ। ଘରେ ସୁଖ ଲାଭ ହେବ। ନୂତନ ବନ୍ଧୁ ଦର୍ଶନ ସହ ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।



**ବିଛା:** ବ୍ୟବସାୟିକ ସ୍ଥିତି ମାନ୍ଦା ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ଅଶାନ୍ତି ଓ କଳହ ଦେଖାଦେବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ବନ୍ଧୁଙ୍କ ସହ ମତାନ୍ତର ।



**ଧନୁ:** ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହେବ। କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ଘରେ ଅସନ୍ତୋଷ ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି ।



**ମକର:** ନିର୍ମାଣାଧିନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଶତ୍ରୁମାନେ ପରାସ୍ତ ହେବେ। ଶୁଭ କାର୍ଯ୍ୟ ସହ ଦେବ ଦର୍ଶନର ସୁଯୋଗ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ସୁଖ ଲାଭ ହେବ ।



**କୁମ୍ଭ:** ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦରେ ଦିନଟି ବିତିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ ।



**ମୀନ:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ଦେହ ଓ ମନ ଭଲ ରହିବ । ଦୁଃସାହସିକ କାର୍ଯ୍ୟ କରି କୃତ କାର୍ଯ୍ୟ ହେବେ। ନୂତନ କାର୍ଯ୍ୟ ଆରମ୍ଭ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୮।୦୪।୨୦୨୬, ବୈଶାଖ ଦି୫ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୨୮।୪୩ ଚନ୍ଦ୍ରୋଦୟ- ପ୍ରାଘ ୬।୦୩।୪୮**
**ପ୍ରତିପଦା-** ଦିଘ ୨।୧୩ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର ଦିଘ ୯।୪୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦି୨।୧୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ, ପୂଜା ଓ ଅର୍ଘ୍ୟ ଦାନ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଧର୍ମାନ୍ତରୀକରଣ ପାଇଁ ଦାଦାଗିରି

ଧର୍ମାନ୍ତରୀକରଣ ସେ ପୁଣି ଅଫିସ ଭିତରେ। ଏହାଠୁ ବଳି ଲଜ୍ଜାକର କଥା ଆଉ କଣ ଅଛି ? ଦେଶର ପ୍ରତିଷ୍ଠିତ ଆଇଟି କମ୍ପାନୀ ଟିସିଏସର ନାସିକସ୍ଥିତ ବିପିଓ ସେଣ୍ଟରରେ ଘଟିଥିବା ଏପରି ଏକ ଘଟଣା ଏବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଅଫିସ ଭିତରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା, ଜବରଦସ୍ତ ଧର୍ମ ପରିବର୍ତ୍ତନ ଏବଂ ବ୍ରେନ୍‌ୱାସ କରିବା ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏହି ସମ୍ପୂର୍ଣ୍ଣ ଘଟଣାର ମୁଖ୍ୟ ନାୟିକା ସାଜିଛନ୍ତି କମ୍ପାନୀର HR ମ୍ୟାନେଜର ନିଦା ଖାନ୍, ଯାହାଙ୍କୁ ଅଫିସରେ ସମସ୍ତେ 'ଦବଙ୍ଗ ମ୍ୟାମ୍' ବୋଲି କହୁଥିଲେ । ପୁଲିସରେ ଦାୟର ହୋଇଥିବା FIR ଅନୁସାରେ, ନିଦା ଖାନ୍ କେବଳ ଜଣେ HR ଅଧିକାରୀ ନଥିଲେ, ବରଂ ସେ ଏକ ସଂଗଠିତ ଗୋଷ୍ଠୀର ମୁଖ୍ୟ ଥିଲେ। ଅଭିଯୋଗ ହୋଇଛି ଯେ, ନିଦା ମହିଳା କର୍ମଚାରୀମାନଙ୍କୁ ଇସଲାମିକ ପରମ୍ପରା ଅନୁସାରେ ପୋଷାକ ପିନ୍ଧିବାକୁ ବାଧ୍ୟ କରୁଥିଲେ ଏବଂ ନିଜେ ସେମାନଙ୍କୁ ବୁର୍ଖା ପିନ୍ଧିବାର ଶୈଳୀ ଶିଖାଉଥିଲେ । ଯେତେବେଳେ କୌଣସି ମହିଳା କର୍ମଚାରୀ ଯୌନ ନିର୍ଯାତନା ବିରୋଧରେ ଅଭିଯୋଗ କରୁଥିଲେ, ନିଦା ସେମାନଙ୍କୁ ଚୁପ୍ ରହିବାକୁ କହିବା ସହ 'ଏମିତି ସବୁ ଚାଲେ' କହି ଘଟଣାକୁ ଚାପି ଦେଉଥିଲେ । କର୍ମଚାରୀମାନଙ୍କୁ ଜବରଦସ୍ତ ନମାଜ ପଢ଼ିବା, ଆମିଷ ଭୋଜନ କରିବା ଏବଂ ଧାର୍ମିକ ପ୍ରତୀକ ବ୍ୟବହାର କରିବାକୁ ବାଧ୍ୟ କରାଯାଉଥିଲା । ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ପୁଲିସ କମିଶନର ସନ୍ଦୀପ କର୍ଣ୍ଣିକ ଏକ ସ୍ୱତନ୍ତ୍ର ରଣନୀତି ଆପଣାଇଥିଲେ। ୪ ଜଣ ମହିଳା କନଷ୍ଟେବଲଙ୍କୁ 'ହାଉସ୍‌କିପିଂ ଷ୍ଟାଫ୍' ଅର୍ଥାତ୍ ସଫେଇ କର୍ମଚାରୀ ଭାବେ ଅଫିସ ଭିତରକୁ ଗୁପ୍ତରେ ପଠାଯାଇଥିଲା । ସେମାନେ ସେଠାରେ ହେଉଥିବା ସମସ୍ତ ଗତିବିଧି ଉପରେ ନଜର ରଖିଥିଲେ, ଯାହା ପରେ ସତ୍ୟାସତ୍ୟ ସାମ୍ନାକୁ ଆସିଥିଲା । ତଦନ୍ତ ବେଳେ ଏକ ହ୍ୱାଟ୍‌ସଆପ୍ ଗ୍ରୁପରୁ ସୂଚନା ମିଳିଛି, ଯେଉଁଥିରେ ଇମ୍ରାନ ନାମକ ଜଣେ ବ୍ୟକ୍ତି ଜଡ଼ିତ ଅଛନ୍ତି । ସୂଚନା ଅନୁସାରେ, ଇମ୍ରାନ ମାଲେସିଆରୁ ଭିଡିଓ ଏବଂ ଭାଷଣ ଜରିଆରେ କର୍ମଚାରୀମାନଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ଉସକାଉଥିଲେ । ଏହି ଘଟଣାରେ ବିଦେଶୀ ଫଣ୍ଡିଂ ଏବଂ ଏକ ବଡ଼ ନେଟୱାର୍କ କାମ କରୁଥିବା ସନ୍ଦେହ କରି ପୁଲିସ SIT ଗଠନ କରିବା ସହ ATS ଏବଂ NIA ସହ ମଧ୍ୟ ଯୋଗାଯୋଗ କରିଛି। ବର୍ତ୍ତମାନ ସୁଦ୍ଧା ପୁଲିସ ୭ ଜଣ ପୁରୁଷ ଅଭିଯୁକ୍ତ ଏବଂ ଜଣେ ମହିଳା ମ୍ୟାନେଜରଙ୍କୁ ଗିରଫ କରିସାରିଛି । ତେବେ ମୁଖ୍ୟ ଅଭିଯୁକ୍ତ ନିଦା ଖାନ୍ ଏବେ ମଧ୍ୟ ଫେରାର ଅଛନ୍ତି । ପୁଲିସ ତାଙ୍କୁ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଟାଟା ସନ୍ସ ଚେୟାରମ୍ୟାନ ଏନ୍ ଚନ୍ଦ୍ରଶେଖରନ ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀର ଏବଂ ଚିନ୍ତାଜନକ ବୋଲି କହିଛନ୍ତି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ କୌଣସି ଅନୈତିକ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ । ଏହି ଘଟଣାକୁ ନେଇ ନାସିକରେ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଇଛି । ବିଜେପି ଏବଂ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ତୀବ୍ର ବିରୋଧ ପ୍ରଦର୍ଶନ କରାଯାଉଛି। ନିଦା ଖାନ୍ ଗିରଫ ହେବା ପରେ ଏହି 'ବ୍ରେନ୍‌ୱାଶ୍' ନେଟୱାର୍କର ଅନେକ ବଡ଼ ରହସ୍ୟ ଖୋଲିପାରେ ବୋଲି ଆଶା କରାଯାଉଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ



## ପ୍ରତୀକ୍ଷା

ପ୍ରତୀକ୍ଷା କଲାନି ତ ଦିନ, ରାତ୍ରି ବା କାହିଁକି କରିବ ?
ପ୍ରତୀକ୍ଷା କଲାନି ତ ସୂର୍ଯ୍ୟ, ଚନ୍ଦ୍ର ବା କାହିଁକି କରିବ ?
ପ୍ରତୀକ୍ଷା କଲାନି ତ ମାସ, ବର୍ଷ ବା କାହିଁକି କରିବ ?
ପ୍ରତୀକ୍ଷା କଲାନି ତ ଯୁଗ, ଜନ୍ମ-ମୃତ୍ୟୁ କାହିଁକି କରିବ ?
ସବୁଯାଅ, ଲୋଡାନାହିଁ
ମୋର ପାଇଁ
ତୁମ୍ଭର ପ୍ରତୀକ୍ଷା
ଫଗୁଣକୁ ଚାହିଁ ଚାହିଁ
ପ୍ରଣୟ ନୋହିଲା
ପ୍ରୀତି ବା କାହିଁକି ଆସିବ ।
ବାସ୍ତବକୁ ଚାହିଁ ଚାହିଁ
ଭବିଷ୍ୟତ ଚାଲିଗଲା ।
ଜୀବନ ଯୌବନକୁ
କାଳ ଝାମ୍ପିନେଲା
ଆରେ ଏଇତ ମୋର ସେହି
ଜରାଜୀର୍ଣ୍ଣ ପକ୍ୱ କେଶଧାରୀ
ଲୋଳିତ ଚର୍ମର ରୂପ
ଦିନରାତି ବସି ବସି ଭାବୁଥାଏ
ଭୂତ, ଭବିଷ୍ୟତ
କଣ ପାଇଲି ?
ଜନ୍ମ-ମୃତ୍ୟୁ ପକ୍ଷ ନେଇ
ପାରିଲି ତ ନାହିଁ
କରି ଅନୁଭବ
ଏତିକି ପାଇଛି ଖାଲି
ଶ୍ମଶାନର ଠାବ ।
•••

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଅତିଶୟ ଚିନ୍ତାରେ ରାଜା ଆଉ ରାଣୀ ବୁଡିଗଲେ। କଣ କରିବେ, କୌଣସି ବୁଦ୍ଧି ଦିଶିଲା ନାହିଁ। ସହଜରେ ଶିଳ୍ପୀ ହେଉଛନ୍ତି ଜଣେ ଅସ୍ଥି ଚର୍ମସାର ବୃଦ୍ଧ । ରାଣୀ ଗୁଣ୍ଡିଚାଙ୍କର ମୁଣ୍ଡ ବିଚଳିତ ହୋଇଗଲା । ରାଜାଙ୍କ ଉପରେ ରାଣୀ ଗୁଣ୍ଡିଚାଙ୍କର ଅଭିମାନ ଅତିଶୟ ବୃଦ୍ଧି ପାଇଲାଣି। ଏଭଳି ଲୋଳିତ ଚର୍ମ ବିଶିଷ୍ଟ ଶିଳ୍ପୀଙ୍କ ଉପରେ ଏତେବଡ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାର ଦାୟିତ୍ୱ ଦେବା କଣ ଉଚିତ୍ ଥିଲା ? ରାଣୀ, ଜିଦ୍ ଧରି ବସିଲେ ଆଜି ହିଁ କବାଟ ଖୋଲା ହେବ । ନିଶ୍ଚୟ ଖୋଲା ହେବ । ଏହି ସନ୍ଦେହାତ୍ମକ କଥାରେ ପ୍ରତିଜ୍ଞା ଭୁଲିଗଲେ ରାଜା ଇନ୍ଦ୍ରଦ୍ୟୁମ୍ନ। ଖୋଲି ଦେଲେ କବାଟ। ସମସ୍ତ ପ୍ରତିଜ୍ଞାର ଅନ୍ତ ହେଲା । କିନ୍ତୁ ଏ କଣ ? ତାଙ୍କ ଆଗରେ ଅଧାଗଢା ଦାରୁ ଦେବତା ତିନିଗୋଟି କଣ କରିବେ ? ଭୋ କାନ୍ଦିଲେ ରାଜା। ହାତ ନାହିଁ, ପାଦ ନାହିଁ ପୁଣି ମୁଖମଣ୍ଡଳ ମଧ୍ୟ ପୂର୍ଣ୍ଣ ରୂପେ ବିକଶିତ ହୋଇନାହିଁ। ଶିଳ୍ପୀ ମଧ କେଉଁ ଆଡେ ଉଭାନ ହୋଇଯାଇଛନ୍ତି । ଏ କି ବିଚିତ୍ର, ଆଉ ବିସ୍ମୟକର ଘଟଣା ? ଦିନ ଯାଇ ରାତି ହେଲାଣି ରାଜା ପାଟିରେ ପାଣି ଦେଇନଥାନ୍ତି, ନିର୍ଜଳା ଉପବାସ । ରାଜା ଅର୍ଦ୍ଧ ରାତ୍ରୀରେ ଦେଖିଲେ ଏକ ଅଭୁଲା ସ୍ୱପ୍ନ। ମନ୍ଦିର ସାରା ବିଛାଡି ହୋଇ ପଡିଛି ତୁଳସୀ, ଚନ୍ଦନ, ଝୁଣାର ଅପୂର୍ବ ବାସ୍ନାରେ ମହକି ଉଠୁଛି । ଏକ ଅପୂର୍ବ ନୀଳ ଆଲୋକରେ ଉଭା ହୋଇଛନ୍ତି ତିନିଗୋଟି ମୂର୍ତ୍ତି । ସତେ ଯେପରି ତିନିଗୋଟି ମୂର୍ତ୍ତି ରାଜାଙ୍କ ପାଖକୁ ଆସି ଆଖିରୁ ଲୁହ ପୋଛି ଦେଇ କହୁଛନ୍ତି ବତ୍ସ, ଆଉ କାନ୍ଦନା । ଆଉ କୌଣସି ଅନୁଶୋଚନା ନ କରି ମନକୁ ବୁଝେଇ ଦେ। ଆମେ ନିଜ ଇଚ୍ଛାନୁସାରେ ଏପରି ତନୁକୁ ଧାରଣା କରିଛୁ । ଇନ୍ଦ୍ରଦ୍ୟୁମ୍ନ ଅଶ୍ରୁଭରା କଣ୍ଠରେ କହୁଛନ୍ତି ହେ ବିଶ୍ୱନିୟନ୍ତା, ଆପଣଙ୍କର ହାତ ଥାଆନ୍ତା, ପାଦ ଥାଆନ୍ତା ଆପଣ ବନ୍ଧୁପଣରେ ନୀଳାଚଳରେ ବିଜେ କରିଥାନ୍ତେ, କାନ ଖୋଲି କୋଟି କୋଟି ପତିତଙ୍କର କାତର ପ୍ରାର୍ଥନା ଶୁଣିଥାନ୍ତେ। ହସ୍ତ ପ୍ରସାରି ସମଗ୍ର ବିଶ୍ୱର ଜନଗଣ ମାନଙ୍କୁ କୋଳେଇ



ନେଇଥାନ୍ତେ। କିନ୍ତୁ ଏ କଣ କଲେ ପ୍ରଭୁ। ଏଭଳି ଦୁଃଖ ବ୍ୟାକୁଳତାର ମହାସାଗରରେ ବୁଡି ବୁଡି ମୁଁ ଆଉ ଡାକିବି କାହାକୁ। କାହାକୁ କହିବି ଏ ଅସରା ଦୁଃଖର ଅକୁହାବେଦନା ? ସ୍ୱପ୍ନ ମଧ୍ୟସ୍ଥ ଏହିଭଳି ଦୁଃଖର ମହାସମୁଦ୍ରରେ ପଡି ଉବୁଟୁବୁ ହେଉଥିବା ବେଳେ ଏକ କୋମଳ ସ୍ୱର ଭାସି ଆସିଲା ଶୂନ୍ୟରୁ, ହେ ମୋର ଶ୍ରଦ୍ଧେୟ ପୁତ୍ର, ଯଦି ମୋର ହାତ, ପାଦ, କାନ ପାଇଁ ଦୈନିକ ତୁଳସୀ, ଦୟଣା ଚୂଳରେ ମୋ ହାତ, ପାଦ ଓ ଶରୀରକୁ ସଜେଇ ଦେବୁ, ତେବେ ଦେଖିବୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ଐଶ୍ୱର୍ଯ୍ୟ ମଧ୍ୟ ମୋ ରୂପ ନିକଟରେ ଅତ୍ୟନ୍ତ ତୁଚ୍ଛ ଓ ନଗଣ୍ୟ ବୋଲି ମନେ କରିବୁ, ମୋ ସୁନାଟା ପରା, ତୁ ଆଉ ଅସ୍ଥିର ହୁଅନା, ତୁ କଣ ଏ ରୂପ ଲାବଣ୍ୟକୁ ଦେଖି ଖୁସି ହେବୁ ନାହିଁ ? ଇନ୍ଦ୍ରଦ୍ୟୁମ୍ନଙ୍କ ଆଖିରୁ ଝରି ପଡୁଛି ଅସରା ଲୁହ । ଇନ୍ଦ୍ରଦ୍ୟୁମ୍ନ କହିଲେ ନା, ମହାପ୍ରଭୁ, ତୁମେ ମୋତେ ବୁଝେଇଲେ ବି ମୁଁ ସୁଖୀ ହୋଇପାରିବିନି ମହାବାହୁ ଏଥର ଆହୁରି କୋମଳ କଣ୍ଠରେ କହିଲେ ପାଗଳଟା, ମତେ ଟିକିଏ ଆଖି ପୁରେଇ ଦେଖେ, ମୋର ଦୁଇ ବାହୁକୁ ଟିକିଏ ଭଲ କରି ନିରୀକ୍ଷଣ କର, ଆରେ ପାଗଳ, ତୁ କହୁଛୁ ମୋର ପାଦ ନାହିଁ । ପାଦ ନଥିଲେ ସେଦିନ ମହାଭାରତ ଯୁଦ୍ଧରେ ପାଣ୍ଡବ ମାନଙ୍କ ନିକଟରେ ରଥ ଉପରେ ଚଢି ସେମାନଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି କେମିତି ? ମୋର କାନ ନାହିଁ ବୋଲି କହୁଛୁ, ମୋର କାନ ନଥିଲେ ସେଦିନ ଗଜର ପ୍ରାର୍ଥନା ଶୁଣି କୁମ୍ଭୀର କବଳରୁ ମୁକ୍ତି କରିଲି କେମିତି ? ସେଦିନ କୁରୁସଭାରେ ଦୌପଦୀର ବିକଳ ପ୍ରାଥନା ଶୁଣିଲି କେମିତି ? ମୋର ଯଦି ପାଦ ନଥାନ୍ତା ଗୌତମଙ୍କ ପତ୍ନୀ ପାଷାଣୀ ଅହଲ୍ୟାକୁ ପଦ ସ୍ପର୍ଶରେ ଜୀବନ୍ତ କଲି କେମିତି ? ଦେଖୁଛୁ ମୋର ଦୁଇଭୂଜ, ଏହି ଦୁଇଟି ଭୂଜରେ ସମଗ୍ର ବ୍ରହ୍ମାଣ୍ଡକୁ ଧରି ରଖିଛି । ଅନନ୍ତ କୋଟି ବ୍ରହ୍ମାଣ୍ଡର ସମସ୍ତ ଜୀବ ଜଗତ, ସମସ୍ତ ବୃକ୍ଷ, ଲତା, ସ୍ଥଳ ଏବଂ ସୂକ୍ଷ୍ମାତି ସୂକ୍ଷ୍ମ ଧୂଳି କଣାବି ମୋର ଏ ଦୁଇଟି ବାହୁର ନିୟନ୍ତ୍ରଣ ମଧ୍ୟରେ ଆତ ଯାତ ହେଉଛନ୍ତି। ସେହି ନିୟନ୍ତ୍ରଣ ଭିତରେ ତୁ ବି ଅଛୁ । ମୋର ପରାକ୍ରମ, ମୋର ଶକ୍ତି, ମୋର ଚେତନା ଏତେ ମହାଶକ୍ତିଶାଳୀ ଯେ ଏହାକୁ କେହି ବର୍ଣ୍ଣନା କରିପାରି ନାହାନ୍ତି। ଆଉ ଶତ ସହସ୍ର ଯୁଗ ପର୍ଯ୍ୟନ୍ତ ଚେଷ୍ଟା କଲେବି କେହି ବର୍ଣ୍ଣନା କରିପାରିବେନି । ମୁଁ ହିଁ ଅନନ୍ତ କୋଟି ବ୍ରହ୍ମାଣ୍ଡର ରୂପ, ମୁଁ ହିଁ ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ନିୟନ୍ତ୍ରଣକର୍ତ୍ତା । ତେଣୁ ସମସ୍ତ ଅଶ୍ରୁପାତକୁ ବିଲୋପ କରିଦେଇ ସ୍ଥିର ମନରେ ଏହି କଥାଗୁଡାକ ଭଲ ଭାବରେ ଚିନ୍ତା କରି ବୁଝିବୁ । ମୋର ଅନୁଗାମୀ, ମୋତେ ଭଲ ପାଉଥିବା ଲୋକଟିଦୁଃଖରେ ଯେତେବେଳେ ଛଟ ପଟ ହେଉଥାଏ, ସେତେବେଳେ ମୋର ହୃଦୟ ଫାଟିଯାଏ । ଖାଲି ଏତିକି ମନେରଖ ମୋ ପାଗଳ, ଯାହାକିଛି ବି ସଂସାରରେ ଚାଲିଛି, ଯାହାକିଛି ଘଟିଯାଇଛି, ଆଉ ଯାହାକିଛି ଘଟିବ, ତାହାହିଁ ଏ ଜଗତ ପାଇଁ ମଙ୍ଗଳ ହେବ। ସେହି ନିଦ ଭରା ଆଖିରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦର୍ଶନ ଦେଲେ ମହାବାହୁ ଆଉ ତାଙ୍କ ଅଧରର ସ୍ମିତହାସ୍ୟରେ ରାଜା ଅତିଶୟ ଆନନ୍ଦରେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ଇଏ ହେଉଛି ଓଡିଆ ଜାତିର ଗୌରବମୟ ତଥା ବିଶ୍ୱ ପ୍ରସିଦ୍ଧ ବିରଳତମ ଇତିହାସ ଆଉ ସର୍ବ ପ୍ରାଚୀନ ଇତିହାସର ନଭଶ୍ଚୁମ୍ବୀ ଅମର କାହାଣୀ, ଯାହାକୁ ମହାକାଳ ମଧ୍ୟ ଲିଭାଇ ପାରିବ ନାହିଁ। ଯେଉଁ ଇତିହାସକୁ ସ୍ମରଣ କରି ଓଡିଆଟିଏ ବିଶ୍ୱର ସମସ୍ତ ପୁଞ୍ଜିଭୂତ ଶକ୍ତିକୁ ପଦାନତ କରିଥାଏ। ଏହିଠାରେ ବିଷ୍ଣୁଭକ୍ତ ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗକୁ ବିରତି ଦେଇ ଆମେ ସମସ୍ତ ପାଠକ ବନ୍ଧୁମାନଙ୍କୁ ଫେରାଇ ଆଣୁଛୁ କୁଜଙ୍ଗ ଗଡକୁ । ଏକ ସମୟରେ ଉଦୟ କ୍ଷେତ୍ରର ମନ୍ଦିର ମଧ୍ୟକୁ ପ୍ରବେଶ କଲେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା। (କ୍ରମଶଃ...)

# ସାମ୍ରାଜ୍ୟବାଦ ବିଶ୍ୱପାଇଁ ବିପଦ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସାଂପ୍ରତିକ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ବିଶ୍ୱରେ ଅଶାନ୍ତିର ମୂଳ କାରଣ ଭାବେ ଦେଖା ଦେଇଛି। ଏହାର ପ୍ରତିଫଳନ ମଧ୍ୟ-ପ୍ରାଚ୍ୟ ଅଞ୍ଚଳରେ ଲାଗିଥିବା ଯୁଦ୍ଧରେ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଯୁଦ୍ଧର ସାମୟିକ ବିରତି ହୋଇଛି। ଗୋଟିଏ ପଟେ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ ଏବଂ ଅନ୍ୟପଟେ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିଲା। ପରିସ୍ଥିତି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଟାଣି ନେବାର ସମ୍ଭାବନା ଥିଲା ଓ ଏବେ ମଧ୍ୟ ରହିଛି। ଇରାନ ଇସ୍ରାଏଲ, ଆମେରିକା ସମର୍ଥକ ଇଉନାଇଟେଡ ଆରବ ଏମିରେଟସ ଓ ଅନ୍ୟ ଦେଶଗୁଡିକ ଉପରେ ଆକ୍ରମଣ କରିଛି। ବିଶେଷକରି ଏହି ରାଷ୍ଟ୍ରଗୁଡିକରେ ଥିବା ଆମେରିକା ଘାଟିଗୁଡିକ ଉପରେ ମିଶାଇ ଓ ଡ୍ରୋନ ମାଡ କରିଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ଇଂଲଣ୍ଡ ସମେତ ଅନ୍ୟାନ୍ୟ ନାଟୋ ଦେଶମାନେ ସମର୍ଥନ କରୁଥିଲେ ହେଁ ଏଯାଏଁ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇ ନଥିଲେ। ଅନ୍ୟ ପକ୍ଷରେ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ଓ ଚୀନ ପରୋକ୍ଷଭାବେ ଇରାନକୁ ସମର୍ଥନ କରୁଛନ୍ତି। ଯୁଦ୍ଧ ସମାଗ୍ରୀ ଓ ଗୋଇନ୍ଦା ସହାୟତା ଯୋଗାଉ ଥିବାର ଅଭିଯୋଗ ହେଉଛି। ନିର୍ଦ୍ଦିଷ୍ଟ ଆକ୍ରମଣର ବିନ୍ଦୁ ବିଷୟରେ ସୂଚନା ଏମାନେ ଇରାନକୁ ଦେଉଛନ୍ତି। ଫଳରେ ଇରାନର ପାଲଟା ଆକ୍ରମଣ ଶାଣିତ ହଇଛି। ଆଗୁଆ ନେତାମାନଙ୍କର ମୃତ୍ୟୁ ସତ୍ତ୍ୱେ ଇରାନ ଏଯାଏଁ ସଫଳ ମୁକାବିଲା କରିଆସିଛି।

ଅନ୍ୟପଟେ ଆଉ ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର ରୁଷିଆ ୟୁକ୍ରେନକୁ ଦଖଲ କରିନେବା ଚକ୍କରରେ ରହିଛି। ଉଭୟ ଦେଶ ମଧ୍ୟରେ ଦୀର୍ଘବର୍ଷ ଧରି ଲଢେଇ ଚାଲିଛି। ତୁଳାନାତ୍ମକଭାବେ ୟୁକ୍ରେନ ଦୁର୍ବଳ ରାଷ୍ଟ୍ର ହେଲେ ମଧ୍ୟ ତାହା ସଫଳତାର ସହିତ ମୁକାବିଲା କରିଆସିଛି। ୟୁକ୍ରେନକୁ ନାଟୋ ଦେଶମାନେ ସହଯୋଗ କରୁଛନ୍ତି। ନିକଟରେ ୟୁକ୍ରେନ ଡ୍ରୋନ ପ୍ରତିରୋଧି ଜ୍ଞାନକୌଶଳ ଇସ୍ରାଏଲକୁ ଯୋଗାଇ ଦେବାର ଘୋଷଣା କରିଛି। ପ୍ରତିଦ୍ୱନ୍ଦ୍ୱୀ ରୁଷିଆ ଯେହେତୁ ଇରାନକୁ ସମର୍ଥନ କରି ସାମାରିକ ସହଯୋଗ ଯୋଗାଉଛି, ତେଣୁ ୟୁକ୍ରେନ୍ ଇରାନର ବିରୋଧୀଙ୍କୁ ସମର୍ଥନ କରିବା ସ୍ୱାଭାବିକ। ଆଉ ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଚୀନ ସର୍ବଦା ତାର ପଡୋଶୀଙ୍କ ଉପରେ ଲୋଲୁପ ଦୃଷ୍ଟି ରଖିଛି। ସମସ୍ତ ପଡୋଶୀଙ୍କ ସହିତ ତାର ସୀମା ବିବାଦ ରହିଛି। ତାଇୱାନକୁ ନିଜ ସହିତ ସାମିଲ କରିନେବାର ପ୍ରୟାସ ଚଳାଇଛି। ପୂର୍ବରୁ ତବ୍ବତକୁ ଗିଳି ସାରିଛି। ୧୯୬୨ ମସିହା ଲଢେଇରେ ଆମର କିଛି ଅଂଶ ମାଡ଼ି ବସିଛି। ଲାଦାଖ୍ ସମେତ ବିଭିନ୍ନ ଅଞ୍ଚଳରେ ଅନୁପ୍ରବେଶ ପ୍ରଚେଷ୍ଟା ଜାରି ରଖିଛି। ଆମ ଦେଶର ଅନେକ ଅଞ୍ଚଳକୁ ତାର ବୋଲି ଦାବି କରିଆସିଛି।

ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକା ଲାଟିନ୍ ଆମେରିକୀୟ ରାଷ୍ଟ୍ର ଭେନିଜୁଏଲା ଉପରେ ଆକ୍ରମଣ କରି ତାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ବନ୍ଦୀକରି ନେଇଛି। ତାଙ୍କ ସ୍ଥାନରେ ନିଜ ଆନୁଗତ୍ୟ ଜଣକୁ ଶାସନ ଗାଦିରେ ବସାଇଛି। ପୋଡଶୀ କାନାଡ଼ା ଓ ଗ୍ରୀନଲାଣ୍ଡକୁ ଅଧିକାର କରିନେବାର ଧମକ ଦେଉଛି। ଲାଟିନ୍ ଆମେରିକାର ଅନେକ ଅଞ୍ଚଳରେ ଏହାର ଗଡାଣିଆ ସରକାର ଚାଲିଛି। ମଧ୍ୟ-ପ୍ରାଚ୍ୟରେ କେବଳ ଇରାନକୁ ଛାଡ଼ି ଅନ୍ୟ ସମସ୍ତ ଦେଶକୁ ନିଜ ଆନୁଗତ୍ୟ ବନାଇ ସେ ସମସ୍ତ ଦେଶରେ ନିଜ ସାମରିକ ଘାଟି ବନାଇଛି। ଯେଉଁଥି ପାଇଁ ଇରାନ ସେସବୁ ସ୍ଥାନରେ ଆକ୍ରମଣ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ସର୍ବଦା ଲକ୍ଷ୍ୟ ରହିଛି ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ। କାରଣ ଏହି ଦେଶଗୁଡିକରେ ଖଣିଜ ତୈଳ ଓ ଗ୍ୟାସ୍ ଭରି ରହିଛି। ପ୍ରାୟ ସମସ୍ତ ଦେଶକୁ ପ୍ରଲୋଭନ ଓ ଧମକଚମକ ଦେଇ ନିଜର ଗଡାଣିଆ ବନାଇବାରେ ସକ୍ଷମ ହୋଇଛି। ନିଜ ଡଲାରର ସୁରକ୍ଷା ଓ ପ୍ରଭାବ ବିସ୍ତାର ପାଇଁ ଏହି ଅଞ୍ଚଳରୁ ଖଣିଜ ତୈଳ ଓ ଇନ୍ଧନ ଗ୍ୟାସର କିଣାବିକା ଡଲାର ଜରିଆରେ କରିବା ପାଇଁ ବାଧ୍ୟ କରିଛି। ଇସ୍ରାଏଲର ସାମ୍ରାଜ୍ୟବାଦୀ ମନୋଭାବ ଯୋଗୁଁ ତାର ପଡୋଶୀମାନଙ୍କ ସହିତ ଝଗଡ଼ା ଲାଗିରହିଛି। ପାଲେଷ୍ଟାଇନ, ସିରିଆ ଓ ଲେବାନନର ଅନେକ ଅଞ୍ଚଳକୁ ମାଡ଼ିବସିଛି।

ଏ ଅଞ୍ଚଳରେ ଇରାନ ଶକ୍ତିଶାଳୀ ହେବା ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ ପାଇଁ ବିପଦ। ତେଣୁ ଆଣବିକ ଅସ୍ତ୍ର ତିଆରି ଅଭିଯୋଗରେ ଇରାନ ଉପରେ ଏ ଆକ୍ରମଣ ହୋଇଛି। ଯଦିଓ ଇରାନ ଏହାର ତଦାରଖ ପାଇଁ ଅନୁମତି ଦେବାର ସପକ୍ଷରେ ଥିଲା ବୋଲି ମଧ୍ୟସ୍ଥି ଓମାନର ବୈଦେଶିକମନ୍ତ୍ରୀ ବାଦର ଆଲବୁସାଇଦିଙ୍କ ସୂତ୍ରରୁ ପ୍ରକାଶ। ଏକଦା ଏ ଅଞ୍ଚଳରେ ଇରାକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଉଭା ହୋଇଥିଲା। ମିଛ ପ୍ରଚାର କରାଇ ଯୁକ୍ତରାଷ୍ଟ୍ର ଆମେରିକା ଇରାକ ଓ ଇରାନ ମଧ୍ୟରେ ଯୁଦ୍ଧ ଲଗାଇ ଉଭୟଙ୍କୁ ଦୁର୍ବଳ କରିଥିଲା। ପରେ ଇରାକର କ୍ରମ ବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଏହା ଆଣବିକ ସମେତ ଜୈବିକ ଓ ରାସାୟନିକ ଅସ୍ତ୍ରଶସ୍ତ୍ର ତିଆରି କରୁଛି ବୋଲି ଅଭିଯୋଗ ଆଣିଥିଲା। ସେ ସମୟରେ ଇରାକ ଜାତିସଂଘର ପ୍ରତିନିଧିଙ୍କୁ ତଦାରଖ କରିବା ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲା। ତଥାପି ଇରାକ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଆକ୍ରମଣ କରି ଇରାକକୁ ଅଧିକାର କରି ନେଇଥିଲା ଓ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ କରିଥିଲା। ପରେ ଗିରଫ କରି ବିଭିନ୍ନ ଅଭିଯୋଗ ଆଣି ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଥିଲା। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ହେଉଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖୋମେନି ସମେତ ଅନେକ ଶୀର୍ଷ ନେତାଙ୍କୁ କ୍ଷେପଣାସ୍ତ୍ର ମାଡକରି ମାରି ସାରିଛି।

ପ୍ରତ୍ୟେକ ଦେଶର ନାଗରୀକ ଶାନ୍ତିରେ ସୁଖମୟ ଜୀବନଯାପନ କରିବାକୁ ଚାହାଁନ୍ତି। ସେମାନେ କେବେ ଯୁଦ୍ଧ ଚାହାଁନ୍ତି ନାହିଁ। କାରଣ ସମସ୍ତେ ଜାଣିଛନ୍ତି ଯୁଦ୍ଧ ହେଲେ ଅନେକ ଧନଜୀବନ ନଷ୍ଟ ହେବ। କେତେ ପିଲା ଅନାଥ ହେବେ, ମାଆ-ବାପା କେତେ ପୁଅ-ଝିଅକୁ ହରାଇବେ, ଅନେକ ସ୍ତ୍ରୀ ବିଧବା ହେବେ, କେତେ ଆତ୍ମୀୟ-ସ୍ୱଜନ ମରିବେ, କେତେ ଖଣ୍ଡିଆ ଖାବରା ହେବେ, ଦରଦାମ ବଢିବ, ଖାଦ୍ୟପେୟର ଅଭାବ ଦେଖାଦେବ ଇତ୍ୟାଦି। ଏହା ସତ୍ତ୍ୱେ ବେଳେବେଳେ ଅବାଞ୍ଛିତ ଭାବେ ଯୁଦ୍ଧ ଲଦି ଦିଆଯାଏ। ବିଭିନ୍ନ ରାଷ୍ଟ୍ରରେ କିଛି ଅମାନିଆ ଓ ଅହଂକାରୀ ନେତାଙ୍କ ଆବିର୍ଭାବ ହୁଏ। ଏମାନେ ସାରା ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି। ନିଜ ଫାଇଦା ପାଇଁ ଅନ୍ୟ ଦେଶକୁ ନିଜ ବୋଲକରା ବନାଇ ରଖିବାକୁ ଚାହାଁନ୍ତି। ଚୀନ ଓ ରୁଷିଆ ଭିତରେ ଥିବା ସାମ୍ରାଜ୍ୟବାଦୀ ମନୋଭାବ ଏବେ ଏତେ ଉଗ୍ର ରୂପରେ ପ୍ରକାଶିତ ହୋଇନାହିଁ, ଯାହା ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରରେ ପ୍ରକାଶିତ ହେଉଛି। ତେଣୁ ସେମାନେ ନେପଥ୍ୟେ ଥାଇ ପରିସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି। ଯେଉଁଦିନ ପ୍ରତ୍ୟକ୍ଷ ଲଢ଼େଇକୁ ଓହ୍ଲାଇବେ ସେହିଦିନ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ବୋଲି ଧରିବାକୁ ହେବ। ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ବିଷୟରେ ସମସ୍ତେ ଜାଣନ୍ତି। ଏଦିଗରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ପଛରେ ନାହାଁନ୍ତି।

ବିଗତ ଦୁଇଟି ବିଶ୍ୱଯୁଦ୍ଧରେ ସାମ୍ରାଜ୍ୟବାଦୀ ଶକ୍ତିର ଦୟନୀୟ ପରାଜୟ ବିଶ୍ୱ ଦେଖିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ଦୁଇ ଖଳନାୟକ ହିଟଲର ଓ ମୁସୋଲିନୀଙ୍କ ଅନ୍ତିମ ଅବସ୍ଥା ବିଷୟରେ ସମସ୍ତଙ୍କୁ ଜଣା। ବିଶ୍ୱରେ ପୁନରାୟ ସାମ୍ରାଜ୍ୟବାଦର ଉତ୍ଥାନ ହେଉ ଏହା ବିଶ୍ୱବାସୀ ଚାହାଁନ୍ତି ନାହିଁ। କାରଣ ଏହାର ଅନ୍ତିମ ପରିଣତି ହେଉଛି ଯୁଦ୍ଧ ଓ ବିଭୀଷିକା। ଅତୀତର ଦିଗବିଜୟୀ ସମ୍ରାଟ ନେପୋଲିୟନ୍ ଅଥବା ଆଲେକଜାଣ୍ଡାର୍ ହେବାର ଅବକାଶ ଏବେ ଆଉ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ବାରମ୍ବାର ପରାହତ ହୋଇଛି। ଏପରିକି ଛୋଟ ଛୋଟ ଦେଶକୁ ପରାଜିତ କରିନପାରି ପଳାଇବାକୁ ବାଧ ହୋଇଛି। ଲାଟିନ୍ ଆମେରିକୀୟ ଛୋଟ ଦେଶ କ୍ୟୁବାକୁ ଦମନ କରିପାରି ନାହିଁ। ଭିଏତନାମରେ ନଅବର୍ଷ ଲଢିବା ପରେ ହାରମାନି ପଳାଇବାକୁ ବାଧ ହୋଇଛି। ଆଫଗାନିସ୍ଥାନରେ ନିଜ ଗଡାଣିଆ ସରକାର ଗଠନ କରିବାକୁ ବିଫଳ ହୋଇଛି। ସେଠାରେ ମୌଳବାଦୀ ତାଲିବାନମାନେ କ୍ଷମତା ଦଖଲ କରି ନେଇଛନ୍ତି। ସାମ୍ପ୍ରତିକ ଅବସ୍ଥାରେ ଇରାନର ଅବସ୍ଥା କଣ ହେବ ତାହା ଏବେଠାରୁ କହିହେବ ନାହିଁ। ଇରାନ ଯୁକ୍ତରାଷ୍ଟ୍ର ଆମେରିକାର ଆଉ ଏକ ଉପନିବେଶ ପାଲଟୁ ଏହା ରୁଷିଆ ଓ ଚୀନ ପରି ଶକ୍ତିଶାଳୀ ରାଷ୍ଟ୍ର ଚାହିଁବେ ନାହିଁ।

ଉଭୟ ପକ୍ଷ ଅର୍ଥନୈତିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛନ୍ତି। ଖଣିଜ ତୈଳ ଓ ଗ୍ୟାସ୍ ଖଣି ଉପରେ ଆକ୍ରମଣ ଯୋଗୁଁ ମଧ୍ୟ-ପ୍ରାଚ୍ୟରେ ଏଣେତେଣେ ଅଗ୍ନିର ଲେଲିହାନ ଶିଖା ଦେଖିବାକୁ ମିଳିଛି। ଚାରିଆଡ଼େ ନିଆଁ ଓ ଧୂଆଁର ବିଭୀଷିକା। ଇରାନ ଧମକ ଦେଇଛି ପରିସ୍ଥିତି ବଳବୋତ୍ତର ରହିଲେ ସେ ଏ ଅଞ୍ଚଳର ସମସ୍ତ ତେଲ ଓ ଗ୍ୟାସ୍ ଖଣିକୁ ଧ୍ୱଂସ କରିଦେବ। ଏପରି ହେଲେ ବିଶ୍ୱରେ କେଉଁ ପରିସ୍ଥିତି ତିଆରି ହେବ ତାହା ଅନୁମେୟ। ଏବେ ହରମୁଜ୍ ପ୍ରଣାଳୀକୁ ଇରାନ ବନ୍ଦ କରି ରଖିଛି। ଶତ୍ରୁପକ୍ଷର ଜାହାଜକୁ ଯିବାକୁ ଦେଉନାହିଁ। ଫଳରେ ବିଶ୍ୱ ସାମୁଦ୍ରିକ ପରିବହନ କ୍ଷେତ୍ରରେ ଗଭୀର ପ୍ରଭାବ ପଡିଛି। ଯେଉଁ ପଣ୍ୟବାହୀ ଜାହାଜ ଚୀନ ଓ ରୁଷିଆ ମୁଦ୍ରାରେ କାରବାର କରିବ ତାକୁ ହିଁ ଏହି ପ୍ରଣାଳୀରେ ପରିବହନ କରିବାକୁ ଅନୁମତି ମିଳିବ। ଏହା ଦ୍ୱାରା ଇରାନ ଆମେରିକୀୟ ଡଲାରର ପ୍ରଭାବ ହ୍ରାସ କରିବାକୁ ଚାହୁଁଛି। ଏହି ପ୍ରଣାଳୀକୁ ମୁକ୍ତ ଓ ନିୟନ୍ତ୍ରଣକୁ ନେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧଜାହାଜ ଓ ସୈନିକ ପଠାଇଛି। ଏଥିପାଇଁ ମିତ୍ର ଦେଶମାନଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧଜାହାଜ ପଠାଇବାକୁ ଅନୁରୋଧ କରିଥିଲା, କିନ୍ତୁ ସେମାନେ ଏହାକୁ ସମର୍ଥନ କରିନାହାଁନ୍ତି। ଫଳରେ ଯୁକ୍ତରାଷ୍ଟ୍ର ଆମେରିକା ଏଦିଗରେ ଏକା ପଡ଼ିଯାଇଛି। ଆଗକୁ ଆହୁରି ଅନେକ କିଛି ହେବାକୁ ବାକି ଅଛି।

ୟୁଏଇର ଦେଶମାନେ ତାଙ୍କ ଦେଶ ଉପରେ ଆକ୍ରମଣ ଯୋଗୁଁ ଇରାନ ଉପରେ ମିଳିତ ପାଲଟା ଆକ୍ରମଣ ପାଇଁ ମସୁଧା କରିଥିଲେ। ଇରାନ ପୂର୍ବ ଘୋଷଣାରେ ଅଟଳ ରହିଛି ଯେ ଏହି ଦେଶମାନଙ୍କରୁ ଯୁକ୍ତରାଷ୍ଟ୍ର ଆମେରିକାର ସୈନିକ ଘାଟି ବନ୍ଦ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଉଭୟ ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ଆମେରିକା ଇରାନ ଉପରେ ସ୍ଥଳ ସୈନିକ ଆକ୍ରମଣ ପାଇଁ ପଦକ୍ଷେପ ନେଇ ନାହାଁନ୍ତି। ଅର୍ଥାତ୍ ପଦାତିକ ସୈନିକ ପ୍ରବେଶ କରି ଇରାନକୁ ଦଖଲ କରିବାକୁ ଚେଷ୍ଟା କରି ନାହାଁନ୍ତି। କାରଣ ଏହା ଏତେ ସହଜସାଧ ନୁହେଁ। ମୁଖ୍ୟ ପ୍ରତିବନ୍ଧକ ହେଉଛି ଇରାନର ବିଶାଳ କ୍ଷେତ୍ରଫଳ, ଯାହା ମରୁଭୂମି, ପାହାଡ ଓ ଅସମତଳ ପୃଷ୍ଠଭୂମିରେ ଭରପୁର। ତେଣୁ ସୈନିକମାନେ କଠୋର ପରିସ୍ଥିତିରେ ବହୁଭିତରକୁ ଯାଇ ଆକ୍ରମଣ କରିବା ଓ ନିରାପଦରେ ଫେରିବା ସମ୍ଭବପର ନୁହେଁ। ଏଥିପାଇଁ ଅନେକ ଗୁଡିଏ ନିରାପଦ ସୈନିକ ଘାଟି ତିଆରି କରିବାକୁ ପଡିବ। ଯାହା ସମୟ ଓ ଖର୍ଚ୍ଚ ସାପେକ୍ଷ। ତେଣୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲକୁ ଅପେକ୍ଷା କାରିବାକୁ ପଡିବ ଯେତେ ପର୍ଯ୍ୟନ୍ତ ଇରାନ ଭିତରେ ଆଭ୍ୟନ୍ତରୀଣ ବିଦ୍ରୋହ ନହୋଇଛି। ଏଦିଗରେ ଡୋନାଲ୍ଡ ଟ୍ରମ୍ପ ସେଠାକାର ସାଧାରଣ ଜନତାଙ୍କୁ ଉସୁକାଇବାରେ ହେଳା କରିନାହାଁନ୍ତି। ଏବେ ବିଦ୍ରୋହର ସମ୍ଭାବନା ଦେଖା ଯାଉନାହିଁ। ଇରାନ ବିଦ୍ରୋହୀମାନଙ୍କୁ ଦମନ କରିବାରେ ସଫଳ ହୋଇଛି।

ଏ ଯୁଦ୍ଧରେ କିଏ ଜିତିବ କିଏ ହାରିବ ତାହା ବଡ଼ କଥା ନୁହେଁ, କିନ୍ତୁ ବଡ଼ କଥା ହେଉଛି ଏହାଦ୍ୱାରା ବିଶ୍ୱ ଅପୂରଣୀୟ କ୍ଷତି ସହିବ। ପ୍ରକୃତି ପ୍ରଦତ୍ତ ଖଣିଜ ତୈଳ ଓ ଗ୍ୟାସର ବହୁଅଂଶ ଅଯଥା ଜଳିଯିବ। ବିଭିନ୍ନ ଦେଶର ପ୍ରଗତିରେ ବାଧା ଦେଖାଦେବ। ଅନେକ ଧନଜୀବନ ନଷ୍ଟ ହେବା ସହିତ ମାନବୀୟ ମୂଲ୍ୟବୋଧ ଉପରେ କୁଠାରାଘାତ ହେବ। ଏ ଯୁଦ୍ଧ ଯେତେ ଶୀଘ୍ର ସମାପ୍ତ ହେବ ବିଶ୍ୱସମାଜ ପାଇଁ ସେତେ ଲାଭଦାୟକ ହେବ। ପୂର୍ଣ୍ଣ ଯୁଦ୍ଧବିରତି ଓ ସମସ୍ୟାର ସ୍ଥାୟୀ ସମାଧାନ ହେବା ଉଚିତ। ସାମ୍ପ୍ରତିକ ଅବସ୍ଥାରେ ସାମ୍ରାଜ୍ୟବାଦର ଘାତକ ପ୍ରହାରରୁ ବିଶ୍ୱକୁ ମୁକୁଳାଇବା ଓ ବିଶ୍ୱଶାନ୍ତି ପାଇଁ ସାମୁହିକ ଚିନ୍ତନ କରିବା ଅତ୍ୟନ୍ତ ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଜୀବନ ଯନ୍ତ୍ରଣା

ରତ୍ନକାନ୍ତି ମିଶ୍ର

### (ଦୁଇଟି ଗଳ୍ପ)



ପେଟ ବିନ୍ଧୁଥିଲା ମାଆର । ଯନ୍ତ୍ରଣା ଅସହ୍ୟ। ନଗଲେ ନଚଳେ। ଗାଁ ପାଖ ଡାକ୍ତରଖାନାରେ କହିଲେ ଶୀଘ୍ର ନିଅ ବଡ଼ ଡ଼ାକ୍ତରଖାନା। ପଇସାପତ୍ର ଯୋଗାଡ଼ କରି ପଦନ ପହଞ୍ଚିଲା ଦଶ କୋଶ ଦୂର ବଡ଼ ଡ଼ାକ୍ତରଖାନାରେ। ବହୁତ ବଡ଼ ହୋଇ ଯାଇଥିଲା ରୋଗ। ଡାକ୍ତର ଆଜ୍ଞା କହିଲେ କ୍ୟାନ୍ସର। ପୂର୍ବ ପୁରୁଷ ଅମଳର ଜମି ଖଣ୍ଡିକ ବିକିଲା ପଦନ। ମାଆର ଚିକିତ୍ସା ଚାଲିଲା। ଲାଇଟ ପଡିଲା କେଇ ଥର। ହେଲେ ମାଆ ଚାଲିଗଲା। ମାଆର ଶବ ସଂସ୍କାର ଯଥା କଥା ସାରିଲା ପଦନ। ପୁଣି ଆରମ୍ଭ ହେଲା ଜାତିଭାଇଙ୍କ ଅଦଉତି । ଭୋଜିଭାତ ନଦେଲେ ବାସନ୍ଦର ଧମକ। ଶେଷରେ ଘରଡିହ ଖଣ୍ଡିକ ବନ୍ଧକ ପକେଇ ମହାଜନଠୁ ଆଣିଲା ଉଧାର। ଉଧାର ଶୁଝିବାକୁ ହେବ ତ ଏକମାତ୍ର ରାସ୍ତା ଦାଦନ। ଜଣକ ପରିଶ୍ରମରେ କ'ଣ ମୁକୁଳେଇହେବ ମହାଜନଙ୍କ ଠାରୁ ପୈତୃକ ସମ୍ପତ୍ତି ? ତିରିଲା ରାଣୀ ବି ବାହାରିଲା ସାଙ୍ଗରେ। ସତକୁ ସତ କାମର ଅଭାବ ନାହିଁ ଦୂର ରାଇଜରେ। ସିମେଣ୍ଟ ବାଲି ଗୋଳେଇଲା ପଦନ। ମୁଣ୍ଡରେ ବୋହି ଇଟା ଯୋଗୋଇବା କାମ ମିଳିଲା ରାଣୀକୁ। ଫୁରସତ ନାହିଁ କାମରେ। କେଇ ଯୋଡ଼ା ନାଲି ଆଖି ଘୁରି ବୁଲୁଥିଲେ ଜୁଲମ କରିବାକୁ।

ସେଦିନ ଛାତ ପକେଇବା କାମରେ ଯାଇଥିଲେ ଦୁହେଁ। ସିମେଣ୍ଟ, ଗୋଡି,ବାଲି ଗୋଳାଉଥିବା ମେସିନ ପାଖରେ ନିୟୋଜିତ ହେଲା ରାଣୀ। ହଠାତ୍ ମୁଣ୍ଡ ବୁଲେଇଦେଲା ରାଣୀର। ଠିକାଦାର ଚିଲେଇଲା ପଦନ ଉପରେ। ରାଣୀକୁ ନେଇ ଛାଇରେ ରଖି ପଦନ ଫେରିଲା କାମକୁ। କେତେ କହିଛି ସେ ପେଟରେ ପିଲା ବଢୁଥିବା ବେଳେ କାମ ନକରିବାକୁ। ହେଲେ ସେ କ'ଣ ଶୁଣିଲା ? କହିଲା ମହାଜନ ହାତରୁ ଘର ଡିହ ମୁକୁଳେଇଲେ ସିନା ପିଲା ମୁଣ୍ଡ ଗୁଞ୍ଜିବ ସେ ଘରେ !

ପଦନ ମନ ଥିଲା ରାଣୀ ପାଖରେ। ହେଲେ କାମ ରୁ ଫୁରସତ ପାଇବ ଯାଇଁ ଗୋଟିଏ ସରିକି। ଚାଉଁ ଚାଉଁକା ଖରାରେ ମଣିଷ ନାଝାଲ ହୋଇ ଯାଉଥିଲା। ଗାଁ ଗଣ୍ଡାରେ ପଡୁଥିବା ଖରା ଠାରୁ ସହରର ଖରା ତେଜ କାହିଁକି ଭାରି ଭାରି ଲାଗୁଥିଲା ପଦନକୁ। ସେଇମିତି ଲାଗୁଥିଲା ଠିକାଦାରର ଗାଳି ଫଜିତ୍ । ବରଂ ଭଲ ଥିଲା ଯା ଠୁ ଗାଁ ମହାଜନର ଅଦଉତି। ଛାଇ ଟିକେ ଗଡିଲେ ପୁଣି କାମ ହେବ। ପଦନ ଫେରିଲା ରାଣୀ ପାଖକୁ। ଡାକିଲେ ଶୁଣୁନି। ରାଣୀ କ'ଣ ଏତେ ନିଦରେ ଶୋଇଛି ନା ଚେତା ହରେଇଛି ! ରାଣୀ କୁ ଛୁଇଁଲା ତ ଚମକି ପଡିଲା ପଦନ। ହାତ କୁ ହେମାଳ ଲାଗୁଥିଲା ରାଣୀର ଦେହ... !!!

(୨)

ଝିଅଟିର ଓଠରେ ଗଳାରେ ନିସ୍ତରଙ୍ଗ ଶୋଷ। ଶୋଷରେ ତେଣେ ଅଧିର ରୋଗରେ ପଡ଼ିଥିବା ମାଆ। ଡଙ୍ଗର ଉପରେ ଘର। ଆବାସ ଯୋଜନାର ସୁଫଳ ପାଇଛନ୍ତି ତାଙ୍କ ଭଳି ଆଉ କେତେ ଜଣ। ହେଲେ ପାଣିର ହାହାକାର ସବୁଦିନ। ବାପା ରୋଜଗାର ତଲାସରେ ନାଇଁ ଘରେ। ମାଠିଆ ଧରି ପାଣି ପାଇଁ ତିନି କୋଶ ବାଟ ଡଙ୍ଗରରୁ ତଳକୁ ଆସିଲା ଝିଅଟି।

ଖରା ବହପରେ ଝିଅଟି ଶୋଷରେ ଆତୁର। ଏଇ ମାତ୍ର ରୋଗରୁ ଉଠିଛି। ପାଦ ଠିକରେ ପଡୁନି। ହେଲେ ପାଣି ନେବାକୁ ହେବ ଝରରୁ। ଆସିଲାଣି କେବେଠାରୁ। ମାଆ ଚିନ୍ତାରେ। ଝିଅ ଫେରିନି ଏଯାଏଁ। ବାପା ସଞ୍ଜକୁ ଫେରିଲା। ଦୁହେଁ ଅବଶ ଦେହକୁ ଘୋଷାରି ଖୋଜି ହେଉଥିଲେ ଝିଅକୁ। ବାପା ଆଖିରେ ଭୟ। ମାଆ ଆଖିରେ ଲୁହ। ଶେଷକୁ ପାଇଲେ ଭଙ୍ଗା ମାଠିଆର ଖଣ୍ଡ। ଚିହ୍ନି ପାରିଲେ ସେଇ ମାଠିଆକୁ ସେଥିରେ ଝିଅ ଆଙ୍କିଥିବା ଚିତ୍ରକଳାରୁ। ସେଇଠି ବି ପଡ଼ିଥିଲା ଝିଅ ହାତର ଭଙ୍ଗା ଚୁଡ଼ି ଖଣ୍ଡେ। ଟିକିଏ ଦୂରରେ ଦେଖିଲେ କଣ୍ଟା ଗଛରେ ଲାଗି ରହିଥିବା ତା ଶାଢ଼ିର ଚିରା ଅଂଶ ଖଣ୍ଡେ। ଚାରିଆଡେ ପଳାଶ, ଶିମିଳି, କୃଷ୍ଣଚୂଡ଼ା ଫୁଲଙ୍କ ସୌନ୍ଦର୍ଯ୍ୟ। ତାଙ୍କରି ମେଳରେ ଉକୁଟି ଉଠୁଥିଲା ଲହୁ ଲୁହାଣ ହୋଇ ପଡିଥିବା ଝିଅର ନଗ୍ନ ଦେହ। ତା ସୌନ୍ଦର୍ଯ୍ୟ କୁ କେହି ଉପଭୋଗ କରିଥିବାର ପ୍ରମାଣପତ୍ର ଛାଡି ଯାଇଛନ୍ତି ବିବଶ ବାପା ମାଆଙ୍କ ଗୋଚରାର୍ଥେ... !!!!

*ଆଳି, କେନ୍ଦ୍ରାପଡା*

## ଭୋଟ ବେଳ

ପ୍ରକାଶ ମହାପାତ୍ର

ଗତ ନିର୍ବାଚନରେ ଜିତି ସର୍ବେଶ୍ୱର ବାବୁ ମନ୍ତ୍ରୀ ହେବା ପରେ ନିଜ ବିଧାନସଭା ଅଞ୍ଚଳ ଅପେକ୍ଷା ରାଜ୍ୟ ସାରା ବୁଲିବାରେ ଅଧିକ ସମୟ ବ୍ୟୟ କରିଥିଲେ। ଏବେ ପୁଣି ନିର୍ବାଚନ ସମୟ ଆସିବାରୁ ଭୋଟର ଭଗବାନମାନଙ୍କ ପାଖକୁ ଆସିବା ପାଇଁ ପଡୁଛି। ତାଙ୍କ ବିଧାନସଭାଟିର ଅନେକ ଅଞ୍ଚଳ ଏବେବି ଅଗମ୍ୟ ହୋଇ ପଡ଼ି ରହିଛି। ବିଶେଷ କରି ଜଙ୍ଗଲ, ପାହାଡ଼ ପାଖରେ ଥିବା ଆଦିବାସୀଙ୍କ ଗାଁ ଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇ ରହିଛି। ସର୍ବେଶ୍ୱର ବାବୁ ନିଜର କିଛି ସମର୍ଥକଙ୍କୁ ସାଥୀରେ ନେଇ ନିର୍ବାଚନ ପ୍ରଚାରକୁ ଯାଇ ପହଞ୍ଚିଲେ ଡଙ୍ଗରପଡ଼ାରେ। ଡଙ୍ଗରପଡ଼ାର ମୁଖିଆ ସାଉଁଟି ଗରବା ଗାଁ'ର ଅନ୍ୟ ମାନଙ୍କୁ ଡାକି ମଝି ଚଉତିରାରେ ବସିବାର ବ୍ୟବସ୍ଥା କଲେ। ମନ୍ତ୍ରୀ ସର୍ବେଶ୍ୱର ବାବୁଙ୍କ ପାଇଁ ଖଟିଆ ଟାଏ ବନ୍ଦୋବସ୍ତ କଲେ।

ନିର୍ବାଚନ ବେଳେ ନେତା, ପ୍ରାର୍ଥୀ ସମସ୍ତେ ହୃଦୟରେ ମାନବିକତା ଭରି ଭୋଟରମାନଙ୍କୁ ଦେବତା ମଣିଥା'ନ୍ତି। ତେଣୁ ମନ୍ତ୍ରୀ ଉଦାର ହୃଦୟରେ ଲୋକଙ୍କ ସମସ୍ୟା ଶୁଣିବା ପାଇଁ କର୍ଣ ଗହ୍ୱର ପତେଇଲେ। ନୂଆ ନୂଆ ଭୋଟର ହୋଇଥିବା ଟୋକାଏ କିଛି କହିବା ପାଇଁ ଉଙ୍କୁ ଉଙ୍କୁ ହେଉଥିଲେ। ହେଲେ ସାଉଁଟି ମୁଖିଆ ଭାବେ ଗାଁ' ଲୋକଙ୍କ ସମସ୍ୟା ସବୁ କହିବାକୁ ଆରମ୍ଭ କଲେ। ସେ କହିଲେ-'ଗାଁ'କୁ ଆଜିଯାଏ ଭଲ ରାସ୍ତାଟିଏ ହେଲା ନାହିଁ। ରୋଗବ୍ୟାଧିରେ ପଡ଼ିଲେ, କି ପିଲା ଜନ୍ମବେଳ ହେଲେ ଲୋକମାନେ ଭାରି ଅସୁବିଧା ଭୋଗୁଛନ୍ତି ଆଜ୍ଞା !'

ମନ୍ତ୍ରୀ ସର୍ବେଶ୍ୱର ସାଉଁଟି ଆଉ କିଛି କହିବା ପୂର୍ବରୁ ନିଜର ମୋବାଇଲ ଫୋନ ଖୋଲି କାହାକୁ ଫୋନ କଲେ। ସପ୍ତାହକ ଭିତରେ ଗାଁ'କୁ ରାସ୍ତା କରିବାକୁ ନିର୍ଦ୍ଦେଶ ଦେଲେ। ପୁଣି ଆଉ କାହାକୁ ଫୋନ କରି ନୂଆ ଡାକ୍ତରଖାନାଟାଏ ଖୋଲିଦେବା ପାଇଁ ହୁକୁମ ଦେଲେ। ବୁଢ଼ା ଲୋକମାନେ ଖୁସି ହୋଇ ପରସ୍ପରକୁ ଅନାଅନି ହେଲେ। ସାଉଁଟି କହିଲେ- 'ଇସ୍କୁଲ ଟାଏ ନାହିଁ ବୋଲି ପିଲାଏ ପଢ଼ି ପାରୁନାହାନ୍ତି। ଗାଁ'ର ଭେଣ୍ଡିଆ ବାହାରକୁ ଯାଇ ମୂଲ ମଜୁରୀ ଲାଗୁଛନ୍ତି। ଇସ୍କୁଲଟାଏ ହେଲେ ପିଲାମାନେ ଦି ଅକ୍ଷର ପଢ଼ି- ଲେଖି ପାରନ୍ତେ।'

ମନ୍ତ୍ରୀଙ୍କ ମୁଖ ମଣ୍ଡଳ ଉଜ୍ଜ୍ୱଳ ଦିଶିଲା, ପାନ ଛାପ ଟିକେ ଥୁକି ଦେଇ କହିଲେ ଭୋଟ ପରଦିନ ମାଷ୍ଟର ଆସିବେ। ସ୍କୁଲ ଖୋଲିବ। ଏହି ଏବେ କହୁଛି। ପୁଣି ମୋବାଇଲ ଫୋନରେ କାହାକୁ ନିର୍ଦ୍ଦେଶ ଦେଲେ, ସ୍କୁଲ ବସାଇବା ପାଇଁ। ଉପସ୍ଥିତ ବୟସ୍କ ମାନେ ଆଶ୍ୱସ୍ତ ହୋଇ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବସିବା ସ୍ଥାନରୁ ନମସ୍କାର ମୁଦ୍ରାରେ କୃତଜ୍ଞତା ଜଣାଇଲେ। ମନ୍ତ୍ରୀ ଟିକିଏ ବୁଲି ପଡ଼ି ଟୋକାଙ୍କ ଆଡ଼କୁ ଅନେଇଲେ। ଯେମିତି ଗାଁ'ର ସବୁ ଭୋଟର ତାଙ୍କୁ ହିଁ ଆଦରି ନେଇ ଭୋଟ ଦେବେ। ବିରୋଧୀ ଦଳର ପ୍ରାର୍ଥୀ ଏଠୁ ଭକୁଆ ହେବେ। ଏମିତି ଭାବି ମୁଖ ମଣ୍ଡଳରେ ପ୍ରସନ୍ନତା ଭରି ଆସିଥିବା ବେଳେ ସୁରାଟର ସୂତା କଳରେ କାମ କରୁଥିବା ସଉରା ବଗର୍ତ୍ତିର ପୁଅ ମଦନ କହିଲା -'ସାର ଆମ ଗାଁ'କୁ ଗାଡ଼ି ମଟର ଆସିବା ପାଇଁ ରାସ୍ତା ନାହିଁ ତ ଯେମିତି ହେଲେ ଯିବା ଆସିବା କରୁଛୁ। ହେଲେ ସରକାରତ ସବୁ କଥା ପାଇଁ ଡିଜିଟାଲ କହୁଛନ୍ତି। ମୋବାଇଲ ଦରକାର କହୁଛନ୍ତି। ଦୂରରେ ରହି ଘର କି ଗାଁ' ଲୋକଙ୍କ ସହ ମୋବାଇଲରେ ପଦେ କଥା ହୋଇ ପାରୁନୁ। ପ୍ରଥମେ ଆମ ଗାଁ'ରେ ଟାୱାର ବସାଇ ମୋବାଇଲରେ କଥା ହେବା ପାଇଁ ସୁଯୋଗ ମିଳୁ ତା' ପରେ ଭୋଟ କଥା କହିବେ।'

ମନ୍ତ୍ରୀ ସର୍ବେଶ୍ୱରଙ୍କ ଉଜ୍ଜ୍ୱଳ ମୁଖ ମଣ୍ଡଳଟି ଝାଉଁଳି ପଡ଼ିଲା। ସତେ ଯେମିତି ଦ୍ୱିପ୍ରହର ବେଳେ ସୂର୍ଯ୍ୟଙ୍କ ଉପରେ କଳା ବାଦଲ ଛାଇଗଲା ।

ମଞ୍ଜୁରୀରୋଡ଼, ଭଦ୍ରକ।
ମୋ-୯୯୩୭୯୭୦୩୪୫

## 'ଅଜଣା ବିଞ୍ଚଣା'

ଡ. ସନ୍ତୋଷ କୁମାର ପଣ୍ଡା



ଗ୍ରୀଷ୍ମର ପ୍ରକୋପରେ ଧରଣୀ ଯେମିତି ହା ହାକାର କରୁଥିଲା। ଆକାଶରୁ ନିଆଁ ବର୍ଷୁଥାଏ। ଗାଁ ମୁଣ୍ଡ ବଡ଼ ବରଗଛ ମୂଳେ ବସିଥାନ୍ତି ମାଧବା ଜେଜେ। ପାଖରେ ଥାଏ ତାଙ୍କର ସେଇ ପୁରୁଣା ପାଟ ବିଞ୍ଚଣାଟି। ଖାଲି ବିଞ୍ଚଣା ନୁହେଁ, ସେଇଟା ଯେମିତି ତାଙ୍କ ଜୀବନର ଏକ ଅଭିନ୍ନ ଅଙ୍ଗ। ସହରରୁ ଛୁଟିରେ ଆସିଥିବା ନାତି ଅଙ୍କିତ ପଚାରିଲା, 'ଜେଜେ, ଏବେ ତ ଏସି ଆଉ କୁଲରର ଜମାନା, ତୁମେ କାହିଁକି ଏଇ ପୁରୁଣା ବିଞ୍ଚଣାକୁ ଧରି ବସିଛ ? ଏଥିରେ କ'ଣ ଏମିତି ଖାସ୍ ଅଛି ?' ଜେଜେ ଟିକେ ହସିଲେ। ବିଞ୍ଚଣାଟିକୁ ଆଉଁସି ଦେଇ କହିଲେ, 'ରେ ଅଙ୍କିତ, ଏଇଟା କେବଳ ପବନ ଦିଏନି, ଏଇଟା ଅନେକ ଅଜଣା କଥା କୁହେ। ଏଇ ବିଞ୍ଚଣାର ପ୍ରତିଟି ସୂତାରେ ବୁଣା ହୋଇଛି ଆମ ଗାଁର ସ୍ମୃତି ଆଉ ମଣିଷପଣିଆ।' ଅଙ୍କିତ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା। ଜେଜେ କହିବାକୁ ଲାଗିଲେ— 'ଆଜିକୁ ଚାଳିଶ ବର୍ଷ ତଳର କଥା। ସେତେବେଳେ ଗାଁକୁ ବିଦ୍ୟୁତ୍ ଆସି ନଥାଏ। ରାତିରେ ଯେତେବେଳେ ଗୁଳୁଗୁଳି ହୁଏ, ମା' କିମ୍ବା ଆଈ ଏଇ ବିଞ୍ଚଣା ଧରି ପିଲାଙ୍କ ପାଖରେ ବସନ୍ତି। ସେଇ ବିଞ୍ଚଣା ପବନରେ ପିଲାଙ୍କୁ ନିଦ ହୋଇଯାଏ, ହେଲେ ବିଞ୍ଚଣା ଧରିଥିବା ହାତଟି କେବେ ଥକେ ନାହିଁ। ସେଥିରେ ଥାଏ ସ୍ନେହର ସ୍ପର୍ଶ।' ଜେଜେ ପୁଣି କହିଲେ, 'ଆଉ ଗୋଟେ କଥା ଶୁଣ। ଏଇ ବିଞ୍ଚଣା ଖାଲି ନିଜ ପାଇଁ ନୁହେଁ। ବାଟୋଇଟିଏ ଖରାରେ ଶିଝି ଯେତେବେଳେ ଗଛମୂଳେ ବସେ, ଗାଁ ଲୋକେ ନିଜ ହାତରୁ ବିଞ୍ଚଣାଟି ବଢ଼ାଇ ଦିଅନ୍ତି। ଅଜଣା ବାଟୋଇର ମୁହଁରେ ସେଇ ସମୟରେ ଯେଉଁ ତୃପ୍ତିର ହସ ଖେଳିଯାଏ, ତାହା କୌଣସି ଯନ୍ତ୍ର ଦେଇପାରିବ ନାହିଁ। ଏଇ ବିଞ୍ଚଣା ହିଁ ଶିଖାଏ ଯେ, ଜଣକର କଷ୍ଟ ଲାଘବ କରିବା ପାଇଁ ନିଜ ହାତକୁ ଟିକେ କଷ୍ଟ ଦେବାକୁ ପଡ଼େ।'

ଅଙ୍କିତ ଧୀରେ ଧୀରେ ବୁଝିପାରୁଥିଲା। ସେ ଦେଖିଲା ବିଞ୍ଚଣାରେ କିଛି କାରୁକାର୍ଯ୍ୟ କରାଯାଇଛି, ଯାହା ଏବେ ଝାପ୍ସା ହୋଇଗଲାଣି। ଜେଜେ କହିଲେ, 'ଏଇଟା ହେଉଛି ଆମ ସଂସ୍କୃତିର ପ୍ରତୀକ। ଶ୍ରମ ଆଉ ଶାନ୍ତିର ମିଳନ। ଯନ୍ତ୍ର ପବନ ଦିଏ ସତ, କିନ୍ତୁ ଆତ୍ମୀୟତା ଦେଇପାରେ ନାହିଁ।'

ସେଦିନ ସନ୍ଧ୍ୟାରେ ଅଙ୍କିତ ଆଉ ମୋବାଇଲ୍ ଧରି ବସିଲାନି। ସେ ଜେଜେଙ୍କ ପାଖରେ ବସି ସେଇ ଅଜଣା ବିଞ୍ଚଣାରୁ ବାହାରୁଥିବା ଶୀତଳ ପବନକୁ ଅନୁଭବ କଲା। ତାକୁ ଲାଗିଲା ସତେ ଯେମିତି ସେଇ ବିଞ୍ଚଣାଟି ତାକୁ ଅତୀତର ଅନେକ ଅଜଣା କାହାଣୀ ଶୁଣାଉଛି— ଯେଉଁଠି ସୁଖ କମ୍ ଥିଲା, କିନ୍ତୁ ସନ୍ତୋଷ ଅଜସ୍ର ଥିଲା।

କଟକ।

## ରାମ ଭକ୍ତ ରାଧୁଆ

ସନ୍ତୋଷ ମିଶ୍ର



ନିପଟ ମଫସଲର ରାଧୁଆ ନାମକ ଦଶବର୍ଷ ବୟସ୍କ ବାଳକ, ନିହାତି ମୂର୍ଖ, ଅପଦାର୍ଥ ଆଉ ଅଳସୁଆ। କେବଳ ଖାଇବା, ଶୋଇବା ବୁଲିବା ଛଡା ତାକୁ କିଛି ଜଣା ନଥିଲା। ବାପମାଆଙ୍କ ଅନ୍ତେ କିଭଳି ସେ ବଞ୍ଚି ରହିବ, ସାଂସାରିକ ଜୀବନ ଅତିବାହିତ କରିବ, ସେ ସମ୍ବନ୍ଧରେ ବାପା ସର୍ବଦା ଚିନ୍ତିତ ରହୁଥିଲେ।

ଦିନେ ବାପା ବାରଣ୍ଡାରେ ବସିଥିବା ସମୟରେ, ସେହି ବାଟ ଦେଇ ଜଣେ ସାଧୁ ଯାଉଥିଲେ। ସେ ସାଧୁଙ୍କୁ ଭକ୍ତିପୂତ ପ୍ରଣାମ କରି ନିଜ ଘରକୁ ନିମନ୍ତ୍ରଣ କଲେ। ସାଧୁଙ୍କୁ ଯଥାସ୍ଥାନ ପ୍ରଦାନ କରି ରାଧୁଆ ସମ୍ପର୍କରେ ସମସ୍ତ ତଥ୍ୟ ଜଣାଇଲେ। ସାଧୁ ପୁଅକୁ ଡାକିବାକୁ କହିଲେ।

ରାଧୁଆ ସାଧୁଙ୍କୁ ପ୍ରଣାମ କରି ତାଙ୍କ ପାର୍ଶ୍ୱରେ ଉପବେଶନ କଲା। ସାଧୁ ନିର୍ନିମେଷ ନୟନରେ ରାଧୁଆକୁ ଚାହିଁ କହିଲେ - ଚାରି ବେଦର ସାର ନିର୍ଯ୍ୟାସ ହେଲା - ମୁଁ ବ୍ରହ୍ମ ; ଆତ୍ମା ହିଁ ବ୍ରହ୍ମ ; ଜ୍ଞାନ ହିଁ ବ୍ରହ୍ମ ; ତୁମେ ସେହି ବ୍ରହ୍ମ। ଈଶ୍ୱର ଚାହିଁଲେ ତୋର ପରିବର୍ତ୍ତନ ହେବ ଅବଶ୍ୟ। ତେଣୁ ତୁ ଜପ କର - ମୁଁ ବ୍ରହ୍ମ। ରାଧୁଆ କହିଲା - ସାଧୁ ବ୍ରହ୍ମ...ସାଧୁ ବ୍ରହ୍ମ। ବାପା କହିଲେ - ଆରେ ସେମିତି ନୁହଁ। କହ - ମୁଁ ବ୍ରହ୍ମ। ରାଧୁଆ ରଟିଲା - ବାପା ବ୍ରହ୍ମ, ବାପା ବ୍ରହ୍ମ। ସାଧୁ ବିରକ୍ତ ହୋଇ ଚାଲି ଯିବା ପୂର୍ବରୁ କହିଲେ - ଏପରି ଜଡ ନିର୍ବୋଧ ଦ୍ୱାରା କିଛି ହେବା ସମ୍ଭବ ନୁହେଁ।

ସେହି ଦେଶର ରାଜା ଥରେ ମନ୍ତ୍ରୀଙ୍କୁ କହିଲେ - ଜଣେ ଉତ୍ତମ ଗୁରୁ ନିହାତି ଗଧ ଛାତ୍ରକୁ ମଧ୍ୟ ବିଦ୍ୱାନ କରି ଦେଇ ପାରିବେ। ମନ୍ତ୍ରୀ ବିନମ୍ର ଭାବେ କହିଲେ - କ୍ଷମା କରିବେ ମହାରାଜ। ଏହା ସତ୍ୟ ନୁହେଁ। ମୁଁ ଏମିତି ଜଣେ ପିଲାକୁ ଜାଣେ ଯାହାକୁ ଯେତେ ଦକ୍ଷ ଶିକ୍ଷକ ହେଲେ ମଧ୍ୟ ଶିକ୍ଷାଦାନ କରି ପାରିବେ ନାହିଁ। ରାଜା ଗମ୍ଭୀର ହୋଇ କହିଲେ - ତାହେଲେ ସେହି ପିଲାକୁ ମୋ ସମ୍ମୁଖରେ ହାଜର କରାଅ।

ମନ୍ତ୍ରୀ ରାଧୁଆକୁ ଆଣି ରାଜାଙ୍କ ସମ୍ମୁଖରେ ଛିଡ଼ା କରାଇ କହିଲେ - କହ ମୁଁ ବ୍ରହ୍ମ। ରାଧୁଆ କହିଲା - ମନ୍ତ୍ରୀ ବ୍ରହ୍ମ, ମନ୍ତ୍ରୀ ବ୍ରହ୍ମ। ରାଜା କହିଲେ - ଆରେ କହ ମୁଁ ବ୍ରହ୍ମ। ରାଧୁଆ କହିଲା - ରାଜା ବ୍ରହ୍ମ..ରାଜା ବ୍ରହ୍ମ। ରାଜା କହିଲେ - ନାଇଁରେ କହ - ତୁ ବ୍ରହ୍ମ। ରାଧୁଆ କହିଲା - ତୁ ବ୍ରହ୍ମ, ତୁ ବ୍ରହ୍ମ। ରାଜା ନିରାଶ ହୋଇ ମନ୍ତ୍ରୀଙ୍କୁ କହିଲେ - ତୁମେ ଠିକ୍ କହିଥିଲ। ତେବେ ଆମେ ସେହି ସାଧୁଙ୍କୁ ଡାକିବା। ହୁଏତ ତାଙ୍କ ଦ୍ୱାରା କିଛି ସମ୍ଭବ ହୋଇ ପାରେ।

ସାଧୁ କହିଲେ - କ୍ଷମା କରନ୍ତୁ ମହାରାଜ। ମୁଁ କଣ ମୋ ଗୁରୁ ବି ଯାକୁ ପାଠ ପଢ଼ାଇ ପାରିବେ ନାହିଁ। ରାଜା କହିଲେ - ସେମିତି କହିଲେ କେମିତି ହେବ। ମେଧାବୀ ଛାତ୍ରଙ୍କୁ ସମସ୍ତେ ପଢ଼ାଇ ପାରିବେ। ମାତ୍ର ଜଣେ ଗଧ ଛାତ୍ରକୁ ପଢାଇ ଶିକ୍ଷିତ କରି ପାରିଲେ ଆପଣଙ୍କ ଗୁରୁପଣିଆ ସାର୍ଥକ ହେବ। ଆପଣ ରାଧୁଆକୁ ସାଙ୍ଗରେ ନେଇ ଆଶ୍ରମକୁ ଯାଆନ୍ତୁ। ରାଜ କୋଷରୁ ଆପଣଙ୍କୁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦିଆଯିବ।

ସାଧୁଙ୍କ ଆଶ୍ରମରେ ଖାଇ ପିଇ ବେଶ୍ ଆରାମରେ ରହିଲା ରାଧୁଆ। କିଛି ଦିନ ବିତି ଯିବା ପରେ ସାଧୁ ରାଧୁଆକୁ କହିଲେ - ଆରେ ଆଶ୍ରମରେ ଯୋଉ କେତୋଟି ଗାଈ ଅଛନ୍ତି ସେମାନଙ୍କୁ ନେଇ ନିକଟସ୍ଥ ଜଙ୍ଗଲରେ ଚରେଇ ପାରିବୁ। ରାଧୁଆ ଉତ୍ସାହିତ ହୋଇ କହିଲା - ହଁ , ପାରିବି। ସାଧୁ କହିଲେ - ହଉ, ଚାଉଳ ଆଉ କିଛି ପନିପରିବା ନେଇ ଯା... ସେଠାରେ ରାନ୍ଧିକି ଖାଇବୁ। କେତେ ଚାଉଳ ତୋର ଖାଇବା ପାଇଁ ଦରକାର। ରାଧୁଆ କହିଲା - ମାଣେ ହେଲେ ଚଳିବ। ସାଧୁ କହିଲେ - ହଉ ନେଇ ଯା। ହେଲେ ମନେ ରଖ ଆମ ଆଶ୍ରମର ଇଷ୍ଟ ହେଲେ ରାମ। ଖାଇବା ପୂର୍ବରୁ ଖାଦ୍ୟ ଚାରିପଟେ ପାଣି ବୁଲାଇ ରାମଙ୍କୁ ସମର୍ପି ତାପରେ ନିଜେ ଖାଇବୁ। ପାରିବୁ ତ। ଦାନ୍ତ ନିକୁଟି ରାଧୁଆ କହିଲା - ହଁ ଆଜ୍ଞା ପାରିବି।

ତିନୋଟି ପଥରରେ ଚୁଲି ତିଆରି କରି ଏକା ସଙ୍ଗେ ପାଣିରେ ଚାଉଳ, ପନିପରିବା ପକାଇ ରାନ୍ଧିଲା। ଶିଝି ଗଲାପରେ ଗୋଟିଏ ପତ୍ର ଉପରେ ଖାଦ୍ୟ ବାଢ଼ି ଚାରିପଟେ ପାଣି ବୁଲାଇ ଚଳୁ କରି କହିଲା - ହେ ରାମ । ଗୁରୁ କହିବା ଅନୁସାରେ ତୁମକୁ ଡାକୁଚି। ଖାଇବ ଆସ। ନହେଲେ ମୁଁ ସବୁ ଖାଇଦେବି। ଏତିକି କହି ରାଧୁଆ ଖାଇବାକୁ ଯାଉଥିବା ସମୟରେ ସ୍ୱୟଂ ରାମଚନ୍ଦ୍ର ଆବିର୍ଭୂତ ହୋଇ କହିଲେ - ଆରେ ତୁ ମୋତେ ଡାକିଲୁ। ମୁଁ ଆସି ପହଞ୍ଚିଲି। ତୁ ଏମିତି ଖାଇବାକୁ ଯାଉଛୁ କେମିତି ! ରାଧୁଆ ଆଶ୍ଚର୍ଯ୍ୟ ହୋଇ ପଚାରିଲା - ତମେ କିଏ। ରାମଚନ୍ଦ୍ର କହିଲେ - ତୁ ଯାହାକୁ ଡାକିଲୁ। ମୁଁ ସେହି ରାମ। ରାଧୁଆ କହିଲା - ଗୁରୁ ତ କାହିଁ କହି ନଥିଲେ ତମେ ଆସିବ ବୋଲି। ମୁଁ ତ ମାଣେ ଚାଉଳ କେବଳ ମୋ ପାଇଁ ଆଣିଛି। ହଉ ଆସିଲଣି ଯେତେବେଳେ ଅଧା ଅଧା ଖାଇଦେବା।

ପରଦିନ ଗାଈ ଚରେଇବାକୁ ଯିବା ପୂର୍ବରୁ ସାଧୁଙ୍କୁ ରାଧୁଆ କହିଲା - ଆଜ୍ଞା ଆଜି ଆଉ ମାଣେ ଚାଉଳ ଅଧିକ ଦେବେ। କାଲି ରାମ ଆସି ଅଧା ଖାଇଗଲେ। ମୋ ପେଟ ପୂରିଲା ନାହିଁ। ଗୁରୁ ଆଶ୍ଚର୍ଯ୍ୟ ହେଲେ। ତଥାପି କହିଲେ - ହଉ ଦୁଇ ମାଣ ନେଇଯା।

ସେଦିନ ରାମଚନ୍ଦ୍ର କୁଆଡ଼କୁ ଯିବା ପାଇଁ ପ୍ରସ୍ତୁତ ହେଉଥିବାର ଦେଖି ସୀତା କହିଲେ - ପ୍ରଭୁ, କୋଉଠିକୁ ଯିବାର ଅଛିକି।

ରାମ - ହଁ, ରାଧୁଆ ପାଖକୁ ଖାଇବାକୁ ଯାଉଚି।

ସୀତା - ପ୍ରଭୁ । ମୁଁ ବି ଟିକେ ଯାଇଥାନ୍ତି।

ରାମ - ହଉ ଚାଲ।

ରାଧୁଆ ରାମଙ୍କ ଉଦ୍ଦେଶ୍ୟରେ ଚଳୁ କରିବା ମାତ୍ରେ ରାମ ସୀତା ଉଭୟେ ହାଜର ହୋଇଗଲେ।

ରାଧୁଆ କହିଲା - ଆରେ ଆଜି କଣ ଜଣେ ସ୍ତ୍ରୀ ଲୋକକୁ ସାଙ୍ଗରେ ନେଇ ଆସିଚ। ରାମ - ଇଏ ପରା ମୋ ସ୍ତ୍ରୀ ସୀତା । ରାଧୁଆ - ହଉ ଆସିଲଣି ଯେବେ ତାହେଲେ ତିନି ଭାଗ କରି ଖାଇବା।

ପରଦିନ ରାଧୁଆ ସାଧୁଙ୍କୁ କହିଲା - ଆଜି ତିନି ମାଣ ଚାଉଳ ଦେବେ। କାଲି ରାମ ତାଙ୍କ ସ୍ତ୍ରୀ ସୀତାଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଆମେ ତିନି ଭାଗ କରି ଖାଇଲୁ। ମୋ ପେଟ ପୂରିଲାନି।

ସାଧୁ ଭାବିଲେ ରାଧୁଆ ଏମିତି କଣ କହୁଛି। ମିଛ କହିଲା ଭଳି ତ ଲାଗୁନି। ତଥାପି ଯା ଉପରେ ନଜର ରଖିବାକୁ ପଡିବ। ରାଧୁଆକୁ କହିଲେ - ହଉ ତିନି ମାଣ ଚାଉଳ ନେଇ ଯା।

ରାମ ଆଉ ସୀତା କୁଆଡେ ବ୍ୟସ୍ତ ହୋଇ ଯାଉଥିବାର ଦେଖି ହନୁମାନ ପଚାରିଲେ - ପ୍ରଭୁ, ମାଆଙ୍କୁ ଧରି କୁଆଡେ ବାହାରିଲେ। କାଲି ଆପଣ ଫେରିଲା ବେଳେ - ଆପଣଙ୍କ ହାତରୁ ସୁସ୍ୱାଦୁ ଖାଦ୍ୟର ମହମହ ବାସ୍ନା ଆସୁଥିଲା। ରାମଚନ୍ଦ୍ର ସ୍ମିତ ହସି କହିଲେ - ସେହି ରାଧୁଆ ପାଖକୁ ପରା । ହନୁମାନ କହିଲେ - ପ୍ରଭୁ । ମୁଁ ବି ଟିକେ ସାଙ୍ଗରେ ଯାଇଥାନ୍ତି।

ସେଦିନ ଆଢୁଆଳରେ ଥାଇ ସାଧୁ ରାଧୁଆର କାର୍ଯ୍ୟକଳାପ ଉପରେ ନଜର ରଖି ଥାଆନ୍ତି।

ରାଧୁଆ ରୋଷେଇ ସାରି ଚଳୁ କଲାମାତ୍ରେ ରାମ, ସୀତା ଓ ହନୁମାନ ଆବିର୍ଭୂତ ହେଲେ। ରାଧୁଆ ରାମଙ୍କୁ କହିଲା - ତମେ ସ୍ତ୍ରୀ ସହିତ ଗୋଟେ ମାଙ୍କଡ଼କୁ ଧରି କଣ ଆସିଲଣି। ଯାହା ଜଣା ପଡ଼ିଲାଣି ପେଟପୂରା ଖାଇବା ମୋ ଭାଗ୍ୟରେ ନାହିଁ।

ରାମ କହିଲେ - ତୋ ପାଇଁ ପେଟପୂରା ଖାଦ୍ୟ ରଖି ଅବଶିଷ୍ଟାଂଶ ଆମକୁ ଦେଲେ ଆମେ ତିନି ଭାଗ କରି ଖାଇବୁ।

ରାଧୁଆ କହିଲା - ନା, ତାହା କେମିତି ହେବ। ଆମେ ଚାରିଭାଗ କରି ଖାଇବା।

ସେମାନେ ଅନ୍ତର୍ହିତ ହୋଇଯିବା ପରେ ଆଢୁଆଳରେ ଥାଇ ରାଧୁଆର କାର୍ଯ୍ୟକଳାପ ଉପରେ ନଜର ରଖିଥିବା ସାଧୁ ଭାବୁଥିଲେ - ଜୀବନ ତମାମ ରାମଙ୍କ ପୂଜା ଆରାଧନା କରି ଯାହା ମୁଁ ପାଇ ପାରି ନଥିଲି। ମୂର୍ଖ, ନିର୍ବୋଧ କୁହା ଯାଉଥିବା ରାଧୁଆ ତାହା ପାଇ ପାରିଛି। ପରମ ରାମ ଭକ୍ତ ରାଧୁଆ ଯୋଗୁ ସ୍ୱୟଂ ପରଂବ୍ରହ୍ମ ରାମଚନ୍ଦ୍ରଙ୍କ ସମେତ ଲକ୍ଷ୍ମୀ ସ୍ୱରୂପା ମାତା ସୀତା ଏବଂ ବଜରଙ୍ଗବଳି ହନୁମାନଙ୍କୁ ମୋର ଚର୍ମ ନେତ୍ରରେ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି। ଧନ୍ୟ ରମଭକ୍ତ ରାଧୁଆ। ତାପରେ ସେ ରାଧୁଆକୁ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ - ହେ ରାମ ଭକ୍ତ ରାଧୁଆ !! ଏଇ ମୁହୂର୍ତ୍ତରୁ ମୁଁ ତୁମ ଗୁରୁ ନୁହେଁ। ତୁମେ ମୋ ଗୁରୁ। ମୋତେ ଶିଷ୍ୟ ଭାବେ ଗ୍ରହଣ କଲେ ମୁଁ କୃତାର୍ଥ ହେବି !!!

ଉଦଳା,ମୟୂରଭଞ୍ଜ
ମୋ - ୯୪୩୯୨୯୫୦୦୯

## କାଳିଆକୁ ଚିଠି

ସତ୍ୟନାରାୟଣ ପ୍ରଧାନ



ଜୀବନ ସାରା ଲୋକଙ୍କ ମଙ୍ଗଳ କରୁଥିବା ଲୋକଟା ଏପରି ସ୍ତ୍ରୀ ପିଲାଛୁଆକୁ ପର କରି ଛାଡି ଚାଲିଯିବ ବୋଲି କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ । ଅଭାବ ଅସୁବିଧାରେ ଚଳି ଆସୁଥିବା ନିଜର ସାନଭାଇକୁ ନୂଆ ଜାଗା କିଣି ନିଜେ ରହିବା ପରେ ସମୟ ସୁବିଧା ଦେଖି ତାକୁ ଆସିବା ପାଇଁ କହିଲେ । ସେ ମଧ୍ୟ ଏ ସୁଯୋଗର ହାତଛଡା ନ କରି ଚାଲି ଆସିବାରେ କେବେ ହେଳା କରି ନ ଥିଲେ । ଗୋଟିଏ ଜାଗାରେ ଦୁଇ ଭାଇ ରହିବା ପରେ ଜାଗା ବାଡ଼ିକୁ ଉଭୟଙ୍କ ଭିତରେ ମତାନ୍ତର ଦେଖା ଦେଇଥିଲା ।



ପିଲାଟି ଦିନରୁ ନିଜର ଭାବି ଆସୁଥିବା ସାନଭାଇ ଏପରି କରିପାରେ ଭାବନାର ବହୁ ଉର୍ଦ୍ଧରେ ଥିଲା । ସେଇ ଚିନ୍ତାରେ ବଡ଼ଭାଇ ରୋଗରେ ପଡି ଚାଲି ଯାଇଥିଲେ। ପୁଅଝିଅ ବାପାଙ୍କୁ ହରାଇ ଅଣ୍ଟା ସଳଖ କଲାବେଳକୁ ଆପଣାର ଲୋକ ଶତ୍ରୁ ପାଲଟି ଯାଇଥିଲେ । ମରି ଯାଇଥିବା ଲୋକଟିର ବଡ଼ପୁଅ ଜୀବନରେ କାହାକୁ କେବେ ଦୁଃଖ ଦେଲା ପରି କଥା କେବେ କହିନାହିଁ । ସେ ଏଭଳି ପରିସ୍ଥିତିରେ କେବଳ ସେଇ ଜଗତର ନାଥ ଜଗନ୍ନାଥଙ୍କୁ ଚିଠି ସାହସ୍ କରି ଲେଖୁଥିଲା ।

'କାଳିଆ ତୁ ପରା ମୋ ସୁଖ ଆଉ ଦୁଃଖର ସାଥୀ । କେମିତି ବା ତତେ ପର କରିଦେବି । ଯେତେ ରାଗିଲେ ବି ପୁଣି ତୋ ସହିତ ଦୁଇ ପଦ କଥା ହୋଇଗଲେ ଭାରି ହାଲୁକା ଲାଗେ । ଦୁନିଆ ଯେତେ ସ୍ୱାର୍ଥପର ହେଲେ ବି ମୁଁ କେବେ ସେଇପରି ହୋଇ ପାରିବି ନାହିଁ । ଆପଣାର ଲୋକ ବିଶ୍ୱାସରେ ବିଷ ଦେଇ କେବଳ ଦୁଃଖ ଦେବା ଶିଖିଛନ୍ତି କିନ୍ତୁ ମୁଁ କାହାରିକୁ ଖରାପ ମଣିଷ ବୋଲି କହି ପାରିବି ନାହିଁ । ତୁ ମୋ ପାଖରେ ଅଛୁ ବୋଲି ଆଜି ଯାଏ ଜୀବନର ବାଟ ଚାଲି ଆସିଛି । ସେଇ ଭରସାକୁ ମୋ ଠାରୁ କେବେ ଛଡାଇ ନେବୁ ନାହିଁ । ଖାଲି ଏତିକି କହିବି ତୁ ମୋର ଭାଇ ବନ୍ଧୁ ସଖା ପରି ଯଦି କେବେ ରାଗରେ କିଛି କହି ଦିଏ ମୋ ଉପରେ ରାଗ କରିବୁ ନାହିଁ । କିଛି ଦିନ ବିତିଯିବା ପରେ ସେ ଆବେଦନ କରିଥିବା ଚାକିରିର ଫଳ ବାହାରି ଥିଲା । ପରିବାରରେ ଟଙ୍କାର ଆଉ ଅଭାବ ନ ଥିଲା । ସେ ଜୀବନ ସାରା ଗାଁରେ ରହିବାକୁ ଭଲ ପାଇ ଆସୁ ଥିବାରୁ ସହର ଅଭିମୁଖେ ନିଜର ମନ ନ ବଦଳାଇ ସେଇ କାଳିଆ ଠାକୁର କରୁଣାରୁ ରହି ଆସୁଥିବା ଜାଗା ଠାରୁ ଆହୁରି ସରସ ସୁନ୍ଦର ଜମିଟିଏ କିଣି ଖୁସିରେ ରହିଥିଲା । ଆଗରୁ ରହି ଆସୁଥିବା ନିଜ ପରିବାର ଲୋକଙ୍କ ପ୍ରତି ତା ମନରେ କୌଣସି ରାଗ କି ହିଂସା କବଳିତ ନ କରିବାକୁ ଅନ୍ତରରୁ ସେଇ ଭାବର ଠାକୁରକୁ ଗୁହାରି କରି କହୁଥିଲା ।।

ସା / ପୋ - ଅଣ୍ଟିଆ
ଜିଲ୍ଲା - ଯାଜପୁର
ମୋ - ୯୧୭୮୩୧୩୬୪୪

# ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଜିତିବାରେ ପ୍ରଥମ ଭାରତୀୟ ହେଲେ ବୈଶାଳୀ



**ନୂଆଦିଲ୍ଲୀ**

ସାରା ଭାରତ ଆଇପିଏଲ୍ ରୋମାଞ୍ଚରେ ମସଗୁଲ ରହିଥିବାବେଳେ ସବୁ ଆଲୋଚନାଠୁ ଦୂରରେ ରହି ଇତିହାସ ରଚିଛନ୍ତି ଭାରତୀୟ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ। ସାଇପ୍ରସ୍‌ରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିଅନସିପର ମହିଳା ବର୍ଗରେ ଚାମ୍ପିଅନ୍ ହୋଇ ବୈଶାଳୀ ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଟାଇଟଲ ଲଢେଇରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଜୁ ୱେନଜୁନଙ୍କୁ ଭେଟିବେ। ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି ଭାବେ ବୈଶାଳୀ କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ୍ସିପ ଟାଇଟଲ ପାଇଁ ଯୋଗ୍ୟତା ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ଗ୍ରାଣ୍ଡ ମାଷ୍ଟର କନେରୁ ହମ୍ପି ପ୍ରଥମ ଭାରତୀୟ ମହିଳା ଭାବେ ୨୦୧୧ରେ ବିଶ୍ୱ ଚାମ୍ପିଅନ୍ସିପ ଫାଇନାଲ ଖେଳିଥିଲେ। ସେ ଫିଡେ ଗ୍ରାଣ୍ଡପ୍ରିକ୍ସ ସିରିଜରେ ଶୀର୍ଷ ସ୍ଥାନ ଦଖଲ କରି ବିଶ୍ୱ ଚାମ୍ପିଅନସିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

କ୍ୟାଣ୍ଡିଡେଟ୍ସ ଚାମ୍ପିଅନସିପ୍‌ରେ ବୈଶାଳୀ ମୋଟ୍ ୮.୫ ପଏଣ୍ଟ ଅର୍ଜନ କରିଥିଲେ। ଅନ୍ତିମ ରାଉଣ୍ଡ୍‌ରେ ସେ ରୁଷିଆର କାଟେରିନା ଲାଗନୋଙ୍କୁ ହରାଇଥିଲେ। ଅନ୍ତିମ ରାଉଣ୍ଡ ପୂର୍ବରୁ ବୈଶାଳୀ ଓ କାଜାଖସ୍ତାନର ବିବିସାରା ଆସାଉବୟେଭା ୭.୫ ପଏଣ୍ଟ ଲେଖାଏଁ ଅର୍ଜନ କରି ମିଳିତ ଶୀର୍ଷରେ ରହିଥିଲେ। ଆସାଉବୟେଭା ଅନ୍ତିମ ରାଉଣ୍ଡ୍‌ରେ ଭାରତର ଦିବ୍ୟା ଦେଶମୁଖଙ୍କ ସହ ଡ୍ର' ରଖିଥିଲେ। ଅନ୍ୟ ପଟରେ ବୈଶାଳୀ ବିଜୟ ହାସଲ କରି ଇତିହାସ ରଚିଥିଲେ। ଲାଗନୋ ୪୭ତମ ଗୋଟି ଚାଳନା ପରେ ପରାଜୟ ସ୍ୱୀକାର କରିଥିଲେ। ବୈଶାଳୀଙ୍କୁ ଏହି ଐତିହାସିକ ସଫଳତା ମିଳିଛି। ଏହି ବିଜୟ ସହିତ ବୈଶାଳୀ ମହିଳା ବିଶ୍ୱ ଚେସ୍ ପ୍ରତିଯୋଗିତା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ବିଶ୍ୱ ମୁକୁଟ ଲଢେଇରେ ତାଙ୍କ ସମ୍ମୁଖରେ ରହିଛନ୍ତି ବିଜୟିନୀ ଚୀନର ଜୁ ୱେଜୁଁ।

# ୱାଙ୍ଖେଡେରେ ମୁମ୍ବାଇକୁ ୭ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ

**ମୁମ୍ବାଇ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୪ତମ ମ୍ୟାଚ୍‌ରେ ମୁମ୍ବାଇକୁ ପଞ୍ଜାବ ୭ ୱିକେଟ୍‌ରେ ପରାସ୍ତ କରିଛି। ୱାଙ୍ଖେଡେ ଷ୍ଟାଡିୟମରେ ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରି ପଞ୍ଜାବ ଦଳ ସଫଳତା ହାସଲ କରିଛି। ପଞ୍ଜାବ ୧୬.୩ ଓଭରରେ ୩ ୱିକେଟ୍ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା।

ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଭଲ ନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦଳ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଦଳ ୨୭ ରନ୍‌ରେ ପ୍ରଥମ ଏବଂ ୪୫ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ୍‌ରେ ୧୩୯ ରନ୍‌ର ଭାଗିଦାରୀ ହୋଇଥିଲା।

ପଞ୍ଜାବ ପାଇଁ ପ୍ରଭସିମରନ ସିଂହ ଏବଂ ଅଧିନାୟକ ଶ୍ରେୟସ ଆୟର ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ଅପରାଜିତ ରହି ୮୦ ରନ୍ କରିଥିଲେ। ୩୯ଟି ବଲ୍ ଖେଳି ୧୧ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଆୟର ୩୫ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ମାରିଥିଲେ।

ସେ ବ୍ୟକ୍ତିଗତ ଭାବେ ୬୬ ରନ୍ ସଂଗ୍ରହ କରି ଦଳର ସ୍କୋରକୁ ଆଗକୁ ନେଇଥିଲେ। ପ୍ରିୟାଂଶ ଆର୍ଯ୍ୟ ୧୫ ରନ୍ ଓ କୁପର କନୋଲି ୧୭ ରନ୍ ଯୋଡ଼ିଥିଲେ।

ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ମିଳିଲା ପରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲା। ଡି' କକ୍ ଅପରାଜିତ ୧୧୦ ରନ୍ ସଂଗ୍ରହ କରିଥିଲେ। ସେ ୫୯ଟି ବଲ୍ ଖେଳି ୮ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ସେହିପରି ନମନ ୩୧ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୫୦ ରନ୍ ସଂଗ୍ରହ କରିଛନ୍ତି। ବିସ୍ଫୋରକ ବ୍ୟାଟର ହାର୍ଦ୍ଦିକ ପାଣ୍ଡ୍ୟା ୧୨ଟି ବଲ୍ ଖେଳି ୧୪ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଛକା ସାମିଲ ଥିଲା।

ମୁମ୍ବାଇ ପାଇଁ ରିୟାନ ରିକେଲ୍ଟନ ଏବଂ ଡି' କକ୍ ବ୍ୟାଟିଂ ଆରମ୍ଭ କରିଥିଲେ। କିନ୍ତୁ ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ସ୍କୋର ୧୨ ରନ୍‌ରେ ରିୟାନ ରିକେଲ୍ଟନ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଉଟ ହୋଇଥିଲେ। କିନ୍ତୁ ତୃତୀୟ ୱିକେଟ୍‌ରେ ଡି' କକ୍ ଏବଂ ନମନ ୧୨୨ ରନ୍‌ର ଭାଗିଦାରୀ କରିଥିଲେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଡି' କକ୍ ୪୧ ରନ୍‌ର ଭାଗିଦାରୀ କରିଥିଲେ।



# ୟୁଏସ୍ ଓପନ୍ ପିକଲ୍‌ବଲ୍ : ସ୍ୱର୍ଣ୍ଣ ଜିତିଲେ ଦୁଇଭାଇ

**ଫ୍ଲୋରିଡ଼ା**



ୟୁଏସ୍ ଓପନ୍ ପିକଲ୍‌ବଲ୍ ପ୍ରତିଯୋଗିତାର ୫.୦ ପୁରୁଷ ଯୁଗଳରେ ଭାରତୀୟ ଯୋଡ଼ି ଅର୍ଜୁନ ସିଂହ ଓ ତାଙ୍କ ଭାଇ ଆଦିତ୍ୟ ସିଂହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେମାନେ ଜେ.ମେଓଡେ ଓ ଡବ୍ଲୁ ଲିନ୍ ଯୋଡ଼ିକୁ ୯-୧୧, ୧୧-୨, ୧୧-୭ରେ ପରାସ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଏହା ଅର୍ଜୁନଙ୍କ ତୃତୀୟ ପଦକ ହୋଇଥିବା ବେଳେ ଆଦିତ୍ୟଙ୍କ ସହ ଦ୍ୱିତୀୟ ପଦକ। ପୂର୍ବରୁ ସେମାନେ ୧୮ ବର୍ଷରୁ କମ୍ ବାଳକ ଯୁଗଳରେ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ୪.୫ ପୁରୁଷ ଯୁଗଳ ବର୍ଗରେ ଭାରତର ପନ୍ଥ ଠକ୍କର ଓ ଅଥର୍ବ ସେଠ୍ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲ୍‌ରେ ସେମାନେ କାଇଆନ୍ ଆପେଲ୍ ଓ ମାଇକେଲ୍ ଭାନ୍ ଦୁସେନ୍‌ଙ୍କଠାରୁ ୮-୧୧, ୯-୧୧ରେ ହାରିଯାଇଥିଲେ।

# ବ୍ୟାକ୍ ଟୁ ବ୍ୟାକ୍ ୱିନ୍ ପରେ ଚେନ୍ନାଇକୁ ବଡ଼ ଝଟକା : ଆହତ ପାଇଁ ବାଦ ପଡ଼ିଲେ ଖଲିଲ ଅହମ୍ମଦ

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସର ଆଉ ଜଣେ ଖେଳାଳି ଆଇପିଏଲ ୨୦୨୬ରୁ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଦଳର ଷ୍ଟାର ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ମଧ୍ୟ ପ୍ରଭାବିତ କରିଛି। ବାମହାତୀ ବୋଲର ସିଏସ୍‌କେ ପାଇଁ ଜଣେ ପ୍ରମୁଖ ବୋଲର ଥିଲେ। ତାଙ୍କ ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ ଝଟ୍‌କା ଦେଇଛି। ଖଲିଲ ଅହମ୍ମଦଙ୍କ ଅନୁପସ୍ଥିତି ଦଳ ପାଇଁ ଏକ ଦ୍ରୁତ ବୋଲିଂ ସଙ୍କଟ ସୃଷ୍ଟି କରିଛି। ଯାହା ପୂର୍ବ ଦୁଇଟି ମ୍ୟାଚରେ ବିଜୟୀ ପଥକୁ ଫେରିଥିଲା। କ୍ୱାଡ୍ରିସେପ୍ସ ଆଘାତ ଯୋଗୁଁ ଖଲିଲ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ



ପୂର୍ବ ମ୍ୟାଚରେ ଚତୁର୍ଥ ଓଭର ବୋଲିଂ କରିବା ସମୟରେ ଖଲିଲ ଅହମ୍ମଦ ଏହି ଆଘାତ ପାଇଥିଲେ। ସେ ତାଙ୍କ ଡାହାଣ ହିପରେ ଯନ୍ତ୍ରଣା ଅନୁଭବ କରିଥିଲେ, ଯାହା ଫଳରେ ସେ ତାଙ୍କ ଓଭର ସମାପ୍ତ କରିପାରିନଥିଲା। ମିଡିଆ ରିପୋର୍ଟ ଅନୁସାରେ, ଖଲିଲ ଅହମ୍ମଦ ଗ୍ରେଡ୍ ୨ ଆଘାତର ଶିକାର ହୋଇଥିଲେ। ସୁସ୍ଥ ହେବା ପାଇଁ ତାଙ୍କୁ ୧୦ ରୁ ୧୨ ସପ୍ତାହ ପୁନର୍ବାସ କରିବାକୁ ପଡ଼ିବ, କିମ୍ବା ପ୍ରାୟ ତିନି ମାସ ଲାଗିପାରେ।

ଚଳିତ ଆଇପିଏଲ ସିଜିନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ସମସ୍ତ ୫ଟି ମ୍ୟାଚ୍‌ରେ ଖଲିଲ୍ ଅହମ୍ମଦ ଦଳର ଅଂଶ ଥିଲେ। ସେ ଏହି ୫ଟି ମ୍ୟାଚରେ ୭୩ ଆଭରେଜରେ ଦୁଇଟି ୱିକେଟ୍ ନେଇଛନ୍ତି। ତାଙ୍କର ଇକୋନୋମି ରେଟ୍ ୮.୬୭ ରହିଛି। ଆଇପିଏଲ ୨୦୨୬ ନିଲାମ ପୂର୍ବରୁ ଖଲିଲ୍ ଅହମ୍ମଦଙ୍କୁ ଚେନ୍ନାଇ ସୁପର କିଙ୍ଗସ୍ ୪.୮ କୋଟିରେ ବଜାୟ ରଖିଥିଲା। ତାଙ୍କ ଅନୁପସ୍ଥିତିରେ ସିଏସକେର ପେସ୍ ଆକ୍ରମଣର ଦାୟିତ୍ୱ ଏବେ ଗୁରଜପନୀତ୍ ସିଂହ, ଅଂଶୁଲ କାମ୍ବୋଜ୍ ଏବଂ ଜେମି ଓଭରଟନ୍ କାନ୍ଧରେ ରହିବ।

ଖଲିଲ ଅହମ୍ମଦ ପ୍ରଥମ ଚେନ୍ନାଇ ସୁପରକିଙ୍ଗସ ବୋଲର ନୁହନ୍ତି ଯିଏ ଚଳିତ ସିଜିନରୁ ବାଦ୍ ପଡ଼ିଛନ୍ତି। ନାଥନ ଏଲିସ ମଧ୍ୟ ଆଘାତ ଯୋଗୁଁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ଦଳରେ ଥିବା ମ୍ୟାଟ୍ ହେନରୀ ତାଙ୍କ ଫର୍ମ ସହିତ ସଂଘର୍ଷ କରୁଛନ୍ତି। ଯେତେବେଳେ ସ୍ପେନ୍ସର ଜନସନ ଏପର୍ଯ୍ୟନ୍ତ ଦଳରେ ଯୋଗ ଦେଇନାହାନ୍ତି। ଦଳରେ ମୁକେଶ ଚୌଧୁରୀ ଏବଂ ରାମକୃଷ୍ଣ ଘୋଷଙ୍କ ପରି ଅନକ୍ୟାପ୍ ବୋଲର ମଧ୍ୟ ଅଛନ୍ତି, ଯେଉଁମାନେ ସମ୍ଭାବ୍ୟ ଭାବରେ ପଡ଼ିଆରେ ଖଲିଲଙ୍କ ସ୍ଥାନ ନେଇ ପାରିବେ। ସିଏସକେର ପରବର୍ତ୍ତୀ ମ୍ୟାଚ୍ ୧୮ ଏପ୍ରିଲରେ ହାଇଦ୍ରାବାଦରେ ସନରାଇଜର୍ସ ବିପକ୍ଷରେ ଅଛି।

# ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସରେ ଖେଳିବେ ଓଡ଼ିଆ ପୁଅ ସୁବ୍ରତ

**ଭୁବନେଶ୍ୱର**



ଓଡ଼ିଶାର କ୍ୟୁସ୍ପୋର୍ଟ୍ସ ଖେଳାଳି ସୁବ୍ରତ ଦାସ ଆଗାମୀ ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଭାଗନେବେ। ଆୟର୍ଲାଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ଶୁକ୍ରବାରଠାରୁ ଇରିସ୍ ଓପନ୍ ବିଲିୟାର୍ଡ୍ସରେ ଖେଳି ତାଙ୍କର ଅଭିଯାନ ଆରମ୍ଭ କରିବେ।

ଏହି ପ୍ରତିଯୋଗିତାରେ ପରେ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମକାଉ ବିଶ୍ୱ ମ୍ୟାଚ୍ ପ୍ଲେ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଭାଗନେବେ। ଏହି ଦୁଇ ପ୍ରତିଯୋଗିତା ପରେ ସୁବ୍ରତ ଚଳିତ ଏପ୍ରିଲ ମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଟାଇମ୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ତାଙ୍କ ସହ ଭାରତର ଅନ୍ୟ ତାରକା ଖେଳାଳି ପଙ୍କଜ ଆଡଭାନୀ, ସୌରଭ କୋଠାରୀ, ଧ୍ରୁବ ସିଟ୍‌ୱାଲ, ସିଦ୍ଧାର୍ଥ ପାରିଖ, ଆଲୋକ କୁମାର, ରୟାନ ରାଜ୍‌ମି, ରୁପେଶ ଶାହ ଓ ଧ୍ୱଜ ହରିଆ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ନୂଆ ରେକର୍ଡ କଲେ ବାବର ଆଜମ୍



**ନୂଆଦିଲ୍ଲୀ**

ପାକିସ୍ତାନୀ ବ୍ୟାଟ୍ସମ୍ୟାନ ବାବର ଆଜମ ଏକ ନୂଆ ରେକର୍ଡ କରିଛନ୍ତି। ଗୋଟିଏ ପଟେ ଆଇପିଏଲରେ ବିରାଟ କୋହଲି ବେଙ୍ଗାଲୁରୁକୁ ଜିତାଉଥିଲେ, ଅନ୍ୟପଟେ ପେଶାୱାରକୁ ଜିତାଉଥିଲେ ବାବର ଆଜମ୍। ପେଶାୱାର ଷ୍ଟାର ଖେଳାଳିସ ନିଜ ଦଳକୁ ବିଜୟ ଆଡ଼କୁ ନେଇଥିବାବେଳେ ନୂଆ ରେକର୍ଡ କରିଛନ୍ତି। ସେ ପାକିସ୍ତାନରେ ନମ୍ବର-୧, ଏସିଆରେ-୨ ଏବଂ ଅନ୍ତର୍ଜାତୀୟ ସ୍ତରରେ ୩ ନମ୍ବର ସ୍ଥାନରେ ରହିଛନ୍ତି। ବୁଧବାର ଖେଳାଯାଇଥିବା ମୁକାବିଲାରେ ବାବର ୫୧ ବଲରୁ ୭୧ ରନ କରିଥିଲେ। ଏହି ଅର୍ଦ୍ଧଶତକ କରିବା ପରେ ସେ ଏକ ରେକର୍ଡ କରିଛନ୍ତି। ଏହି ଅର୍ଦ୍ଧଶତକ ହେଉଛି ତାଙ୍କର ଟି-୨୦ କ୍ରିକେଟରେ ୧୦୦ତମ ଅର୍ଦ୍ଧଶତକ। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ପାକିସ୍ତାନୀ କ୍ରିକେଟର। ୩୫୪ଟି ଟି-୨୦ ମ୍ୟାଚ୍‌ରେ ୧୦୦ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ପାକିସ୍ତାନର ପ୍ରଥମ ବ୍ୟାଟ୍ସମ୍ୟାନଭାବେ ଏହି କୀର୍ତ୍ତି ଅର୍ଜନ କରିଛନ୍ତି।

ବାବର ଆଜମଙ୍କ ପୂର୍ବରୁ ବିରାଟ କୋହଲି ଟି-୨୦ କ୍ରିକେଟରେ ୧୦୦ ଅର୍ଦ୍ଧଶତକ ଅତିକ୍ରମ କରିଥିଲେ। ବିରାଟଙ୍କ ନିକଟରେ ବର୍ତ୍ତମାନ ୧୦୭ ଅର୍ଦ୍ଧଶତକ ଅଛି, ସେ ୪୧୯ ଟି-୨୦ ମ୍ୟାଚ୍‌ରୁ ୪୦୨ ଇନିଂସରେ ଏହି ସ୍କୋର କରିଛନ୍ତି। ବାବର ଆଜମ ଏସିଆର ଦ୍ୱିତୀୟ ବ୍ୟାଟସମ୍ୟାନ ଯିଏ ଟି-୨୦ କ୍ରିକେଟରେ ୧୦୦ ଅର୍ଦ୍ଧଶତକ ହାସଲ କରିଛନ୍ତି।

ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣରଙ୍କ ନାମରେ ୧୧୬ଟି ଅର୍ଦ୍ଧଶତକ ସହିତ ଟି-୨୦ କ୍ରିକେଟରେ ସର୍ବାଧିକ ଅର୍ଦ୍ଧଶତକର ରେକର୍ଡ ରହିଛି। ୱାର୍ଣ୍ଣର ୪୩୬ଟି ମ୍ୟାଚ୍ରେ ସର୍ବାଧିକ ଅର୍ଦ୍ଧଶତକ ମାରିବାର ରେକର୍ଡ ରଖିଛନ୍ତି, ସେ ୪୩୫ଟି ଇନିଂସରେ ୧୧୬ଟି ସ୍କୋର କରିଛନ୍ତି। ଡେଭିଡ୍ ୱାର୍ଣ୍ଣର ଏବଂ ବିରାଟ କୋହଲିଙ୍କ ପରେ ଟି-୨୦ କ୍ରିକେଟରେ ସର୍ବାଧିକ ଅର୍ଦ୍ଧଶତକ ପାଇଁ ବାବର ଆଜମ ବିଶ୍ୱରେ ତୃତୀୟ ସ୍ଥାନରେ ଅଛନ୍ତି।

# ସମସ୍ୟାରେ ଏସଆରଏଚ୍ : ମାତ୍ର ତିନି ଦିନ ମଧ୍ୟରେ ଦୁଇ ଷ୍ଟାର ଖେଳାଳି ବିଦା

**ହାଇଦ୍ରାବାଦ**

ଚଳିତ ଆଇପିଏଲ୍‌ର ଆହତ ତାଲିକାରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଦ୍ରୁତ ବୋଲର ଡେଭିଡ୍ ପେନି ଯୋଡ଼ି ହୋଇଛନ୍ତି। ଗୋଇଠି ଯନ୍ତ୍ରଣା ପାଇଁ ସେ ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ଏସ୍‌ଆରଏଚ୍ ପକ୍ଷରୁ ଏପର୍ଯ୍ୟନ୍ତ ତାଙ୍କ ବଦଳ ଖେଳାଳି ନାଁ ଘୋଷଣା କରାଯାଇନାହିଁ। ପୂର୍ବରୁ ଆହତଜନିତ କାରଣ ପାଇଁ ଦଳରୁ ବାଦ୍ ପଡ଼ିଥିବା ଜାକ୍ ଏଡୱାର୍ଡସଙ୍କ ସ୍ଥାନରେ ପେନିଙ୍କୁ ସାମିଲ କରାଯାଇଥିଲା। ଚଳିତ ଋତୁରେ ପେନି କେବଳ ଦୁଇଟି ମ୍ୟାଚ୍ ଖେଳିଥିଲେ। ଉଦ୍ ?ଘାଟନୀ ମ୍ୟାଚ୍‌ରେ ସେ ଆରସିବି ବିପକ୍ଷରେ ୨/୩୫ ସଫଳତା ପାଇଥିଲେ। ଦୁଇଦିନ ତଳେ ଅଙ୍ଗୁଳିରେ ଆଘାତପ୍ରାପ୍ତ ହେବା କାରଣରୁ ଅଲ୍‌ରାଉଣ୍ଡର ବ୍ରେଡନ୍ କାର୍ସେ ମଧ୍ୟ



ଆଇପିଏଲ୍‌ରୁ ବାଦ୍ ପଡ଼ିଥିଲେ। ତାଙ୍କ ବଦଳରେ ଶ୍ରୀଲଙ୍କା ଖେଳାଳି ଦିଲ୍‌ସାନ ମଦୁସଙ୍କାଙ୍କୁ ଏସ୍‌ଆରଏଚ୍ ସାମିଲ କରିଥିଲା।

# ସୁବର୍ଣ୍ଣପୁରରେ ଦ୍ୱିତୀୟ ଟାଇକୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଆର୍ଟସ୍ ଟେମ୍ପଲ, ସୁବର୍ଣ୍ଣପୁର ଟାଇକୋଣ୍ଡୋ ଏବଂ ଓଡ଼ିଶା ଟାଇକୋଣ୍ଡୋ ଓ ଇଣ୍ଡିଆ ଟାଇକୋଣ୍ଡୋ ଦ୍ୱାରା ଅନୁବନ୍ଧିତ ଓଡ଼ିଶାର ଏକମାତ୍ର ସଂସ୍ଥାର ମିଳିତ ଆନୁକୂଲ୍ୟରେ ବିଭିନ୍ନ ଟାଇକୋଣ୍ଡୋ କ୍ରୀଡ଼ାକୁ ନେଇ ସୁବର୍ଣ୍ଣପୁରରେ ଗୁରୁବାର ଏକ ଐତିହାସିକ କଲର୍ ବେଲ୍ଟ ପରୀକ୍ଷା ଏବଂ ଜିଲ୍ଲା ସ୍ତରୀୟ ଅଫିସିଆଲ୍ ଟାଇକୋଣ୍ଡୋ ସିଲେକ୍ସନ ଟ୍ରାଏଲ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟାଇକୋଣ୍ଡୋ ର ସମ୍ପାଦକ ଚିନ୍ମୟ ବେହେରା ଙ୍କ ସହଯୋଗରେ ମୁଖ୍ୟ ପରୀକ୍ଷକ ଭାବେ ମାଷ୍ଟର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କର କଳା ନୈପୁଣ୍ୟତା ପରୀକ୍ଷା କରିଥିଲେ। ସୁବର୍ଣ୍ଣପୁର ଟାଇକୋଣ୍ଡୋ ଶାଖା ସମ୍ପାଦକ ଓ ଆର୍ଟସ୍ ଟେମ୍ପଲ୍ ସୁବର୍ଣ୍ଣପୁରର ମୁଖ୍ୟ କୋଚ୍ ମାଷ୍ଟର ସୁଶାନ୍ତ କୁମାର ଉକ୍ତ ପରୀକ୍ଷାରେ ସହଯୋଗ କରିଥିଲେ। ଆର୍ଟ୍ସ ଟେମ୍ପଲ ବୌଦ୍ଧ ରୁ ମାଷ୍ଟର ସୁଧୀର କୁମାର ବାରିକ୍, କାନସିନ୍ କାଇ ବ୍ଲାକ ବେଲ୍ଟ ଡିଗ୍ରୀଧାରୀ ଶଙ୍କର ପ୍ରସାଦ ନାଏକ, ସୂର୍ଯ୍ୟ କୁମାର ରଣା, ବୃନ୍ଦାବନ ଭୋଇ, ମିଲନ କୁମାର ଦାସ, ଅଭିଷେକ ନାଏକ ଆସି ସହଯୋଗ କରିଥିଲେ।



ଏହି ଶିବିରରେ ୪ ଜଣ ଗ୍ରୀନ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଦିବ୍ୟାଂଶ ସାହୁ, ସ୍ମୃତିଶ୍ରୀ ମିଶ୍ର, ସାଇ ସ୍ୱରୂପ ମିଶ୍ର ଓ ସୁନ୍ଦର ଜଗତ ଓ ୬ ଜଣ ଗ୍ରୀନ୍ ସିନିୟର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ହେଲେ ଓମ୍ ସ୍ମୃତି ରଞ୍ଜନ ନାୟକ, ସ୍ମୃତି କୁମାର, କାବ୍ୟା ମେହେର, ସୁହାନା ଜଗଦଲା, ଶ୍ରୁତି ସାହୁଲ ଖୁରା, ଅନମୋଲ ମିଶ୍ର ଓ ୯ ଜଣ ୟେଲୋ ବେଲ୍ଟ ରେ ସର୍ବଶ୍ରୀ ପ୍ରତ୍ୟାଶା ବେହେରା, ବ୍ରଜକିଶୋର ବାଘ, ବାଳଗୋପାଳ ବାଘ, ସମୀକ୍ଷା ପାଲ, ଜୟଲକ୍ଷ୍ମୀ ମିର୍ଦ୍ଧା, ଓମ୍ ପରିମିତା ମିର୍ଦ୍ଧା, ସାଇ ସାଧ୍ୱୀ, ସାଇ ଇଭାନ, ଆଧିରା ମହାପାତ୍ର ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଥିଲେ। ଓଡ଼ିଶା ଟାଇକୋଣ୍ଡୋ ତରଫରୁ ବେଲ୍ଟ ଓ ପ୍ରମାଣ ପତ୍ର ଉପସ୍ଥିତ ଅତିଥି, ଅଭିଭାବକ ଓ ପୁରାତନ ଛାତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା ଶେଷରେ ସୁବର୍ଣ୍ଣପୁର ଟାଇକୋଣ୍ଡୋ ସଭାପତି ଅଭିଷେକ ନାୟକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ। ପ୍ରକାଶ ଯୋଗ୍ୟ ଯେ ଜିଲ୍ଲା ସ୍ତରୀୟ ଅଫିସିଆଲ୍ ଟାଇକୋଣ୍ଡୋ ସିଲେକ୍ସନ ଟ୍ରାଏଲ୍ ମାଧ୍ୟମରେ ୧୦ ଜଣଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିବା ନେଇ ଚୟନକର୍ତ୍ତାମାନେ ମତାମତ ଦେଇଛନ୍ତି। ସେହିପରି ଜେଏନ୍ ଇଣ୍ଡୋର ଷ୍ଟାଡିୟମରେ କଟକରେ ୨୦୨୬ ବର୍ଷ ପାଇଁ ଏପ୍ରିଲ ୨୮-୩୦ ତାରିଖ ପର୍ଯ୍ୟନ୍ତ ୫ମ ଓଡ଼ିଶା ଟାଇକାଣ୍ଡୋ ରାଜ୍ୟ ଚାମ୍ପିଅନସିପ ଆୟୋଜିତ ହେବ।

# ସିଏମ୍‌ଟ୍ରଫି ଆନ୍ତଃଜିଲ୍ଲା କବାଡ଼ି ଭଲିବଲ୍ ଚାମ୍ପିଅନ୍ ଟ୍ରଫି ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଆନ୍ତଃଜିଲ୍ଲା ୧୬ ବର୍ଷରୁ କମ୍ କବାଡ଼ି ଏବଂ ୧୪ ବର୍ଷରୁ କମ୍ ବାଳକ, ବାଳିକା ସିଏମ୍ ଟ୍ରଫି ୨୦୨୬ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ଓ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର/ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଳକ ବିଭାଗର ୧୦ଟି ଭଲିବଲ୍ ଓ କବାଡ଼ିରେ ଯୋଗ ଦେଇଥିବା ବେଳେ ୬ଟି ଭଲିବଲ୍ ଓ କବାଡ଼ି ଦଳ ବାଳିକା ବିଭାଗରେ ଯୋଗ ଦେଇଥିଲେ। ଆୟୋଜିତ ଏହି ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କ୍ରୀଡ଼ା ସଂସଦ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲୀ, ସ୍ମିତା ପ୍ରତିଭାସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟୀ ଦାସ ଉପସ୍ଥିତ ଥିଲେ।

# ଦୁଇଜଣ ଅନ୍ତଜିଲ୍ଲା ଡକାୟତ ଓ ଆଠ ଜଣ ରିସିଭର ଗିରଫ

**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**



କଟକ ଗ୍ରାମାଞ୍ଚଳ ପୋଲିସକୁ ମିଳିଛି ବଡ଼ ସଫଳତା। ସାଲେପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ଏକ ବଡ଼ ସଫଳତା ହାସଲ କରିପାରିଛି। ଜିଲ୍ଲା ମଧ୍ୟରେ ସକ୍ରିୟ ଥିବା ଦୁଇ କୁଖ୍ୟାତ ଅପରାଧୀ ଚୋର ଗ୍ୟାଙ୍ଗକୁ ଧରିବା ସହିତ କୋଟି କୋଟି ଟଙ୍କାର ସୁନା ଓ ରୂପା ଗହଣା ଜବତ କରାଯାଇଛି। ଏହି ମାମଲାରେ ୮ ଜଣ ରିସିଭର ଧରାଯାଇଥିବା ସୂଚନା ମିଳିଛି। ସାଲେପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ପ୍ରେସ୍‌ମିଟ୍‌ରେ ପୋଲିସ ପକ୍ଷରୁ ଏହି ସମସ୍ତ ତଥ୍ୟ ଦେଇଛନ୍ତି କଟକ ଗ୍ରାମାଞ୍ଚଳ ଏସ୍‌ପି ଭିନିତ ଅଗ୍ରୱାଲ। ଜବତ ସାମଗ୍ରୀ ମଧ୍ୟରେ ପ୍ରାୟ ୯୨୫ ଗ୍ରାମ ସୁନା ରହିଛି, ଯାହାର ଅନୁମାନିତ ମୂଲ୍ୟ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା। ସେହିପରି ୩ କିଲୋ ୧୦୦ ଗ୍ରାମ ରୂପା (ମୂଲ୍ୟ ପ୍ରାୟ ୮ ଲକ୍ଷ ଟଙ୍କା) ଓ ନଗଦ ୬୧ ହଜାର ୬ ଶହ ଟଙ୍କା ମଧ୍ୟ ଜବତ କରାଯାଇଛି।

ଏହା ସହିତ ଦୁଇଟି ଗାଡ଼ି, ଦୁଇଟି ୱାକି-ଟକି, ଦୁଇଟି ମୋବାଇଲ ଫୋନ୍ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ମଧ୍ୟ ପୋଲିସ ଜବତ କରିଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି। ଅନ୍ୟମାନଙ୍କ ସଂପୃକ୍ତି ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗିରଫ କରାଯିବ ବୋଲି ସାଲେପୁର ଏସଡିପିଓଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମଞ୍ଚଳ ଏସ୍‌ପି ଭିନିତ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଚୋରା କଫସିରପ ଜବତ : ୭ଗିରଫ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଚୋରା କଫ ସିରପ ଡିଲ୍ ଚାଲିଥିବା ବେଳେ ମାଡ଼ି ବସିଲା ବରଗଡ଼ ସଦର ଥାନା ପୋଲିସ। ସଦର ଥାନା ବେହେରା ମାର୍କେଟ ନିକଟସ୍ଥ ଫୁଟବଲ ପଡ଼ିଆରେ ଚୋରା କଫସିରପ କାରବାର ଉପରେ ଚଢ଼ଉ କରିଛି ପୋଲିସ। ଘଟଣାସ୍ଥଳରୁ ୯୬୦ ବୋତଲ କଫସିରଫ, ୨ଲକ୍ଷ ୬୦ ହଜାର ଟଙ୍କା, ୧୨ ମୋବାଇଲ, ୫ କାର୍, ଗୋଟିଏ ପିକଅପ ଭ୍ୟାନ, ୬ ବାଇକ୍ ଜବତ କରାଯାଇଛି। କଫସିରପ ଚୋରା କାରବାର ଘଟଣାରେ ବରଗଡ଼ ଜିଲ୍ଲାର ୭ଜଣ ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ମାନେ ହେଲେ କେନ୍ଦୁମୁଣ୍ଡ ଗାଁର ଭୁବନେଶ୍ୱର ରଣା, ଝାରପଡ଼ା ଗାଁର ରତ୍ନମଣୀ ନାଗ, ପପୁ ବାଗ, କନ୍ଦୁମୁଣ୍ଡା ଗାଁର ଗର୍ଜନ ସାହୁ, ଅମ୍ବାପାଲିର କିଶୋର ଷଣ୍ଢ, ଗୁଡ଼େସିରା ଗାଁର ପ୍ରସନ୍ନ ସାହୁ, ତେଲେନଟିକ୍ରା ଗାଁର ରାଜୀବ ସାହୁ, ଛତିଶଗଡ଼ ରାଜ୍ୟରୁ ବରଗଡ଼ ଜିଲ୍ଲାକୁ କଫସିରପ ଚୋରା ଚାଲାଣ ହେଉଥିଲା।

**TENDER CALL NOTICE** 8001/34/2627

Sealed tenders are invited for public auction sale of the following confiscated seized vehicles involved in forest offence Cases of **Dhenkanal Forest Division** as is where is basis to be opened on 30th April at 10.00 AM in the Office of the undersigned. The tender form along with the detailed list of vehicles location of storage and terms and conditions for auction through tender will also be available in the **Office of the Divisional Forest Officer, Dhenkanal** Division and the same can be obtained by the intending tenderers on payment of **Rs.100/- (one hundred)** only in any working day during working hours till **29.04.2026 up to 12:00 PM.**

**LIST OF VEHICLES**

| Sl . No. | Case No. & Year | Type of vehicle seized | Place of storage | Range | Earnest Money Deposit (EMD) |
|---|---|---|---|---|---|
| 1 | OR No. 115 M of 2015-16 | TVS Super XL bearing Regd. No. OD-06-A-3605 | Mahabirod Range Office Campus | Mahabirod | ₹ 500.00 |
| 2 | UD No. 02H of 2003-04 | Maruti Van without Regd. No. | FRH, Hindol | Hindol | ₹ 500.00 |
| 3 | OR No. 43H of 2013-14 | Maruti Van bearing Regd. No. OR-05-V-4298 | FRH, Hindol | Hindol | ₹ 1,000.00 |
| 4 | OR No. 71H of 2014-15 | TATA ACE bearing Regd. No. OR-19-C-4345 | Hindol Range Office Campus | Hindol | ₹ 1,000.00 |
| 5 | OR No. 69D of 2022-23 | Truck bearing Regd. No. OR-04-E-3415 | Central Nursery, Dhenkanal | Dhenkanal | ₹ 10,000.00 |
| 6 | OR No. 10KE of 2021-22 | Pick up Van bearing Regd. No. OR-06-F-6466 | Jiridamali, Kamakhyanagar | Kamakhyanagar East | ₹ 1,500.00 |

Sd/- Divisional forest Officer
Dhenkanal Division

OIPR-8001/8037/1/26-27/0001

# ବିଶ୍ୱକପ୍ ଖେଳିବ ଇରାନ୍ : ଫିଫା ମୁଖ୍ୟ



**ପ୍ୟାରିସ୍**

ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଇରାନ୍ ଖେଳିବ। ଏ ନେଇ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ଗୁରୁବାର ସ୍ପଷ୍ଟ କରିଛନ୍ତି।

ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱ କ୍ରୀଡ଼ାର ସବୁଠୁ ବଡ଼ ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣ ଆୟୋଜନ କରିବେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦ କାରଣରୁ ଇରାନ ବିଶ୍ୱକପ୍‌ରେ ଭାଗନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏପରିକି ଇରାନ ତା'ର ଗ୍ରୁପ୍ ମ୍ୟାଚ୍‌କୁ ଆମେରିକା ବଦଳରେ ମେକ୍ସିକୋରେ ଆୟୋଜନ କରିବା ଲାଗି ଫିଫାକୁ ଅନୁରୋଧ କରିଥିଲା, ଯାହାକୁ ପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଗ୍ରୁପ୍-ଜି'ରେ ସ୍ଥାନ ପାଇଥିବା ଏସିଆର ଟପ୍ ଫୁଟ୍‌ବଲ ଦଳକୁ ଆମେରିକାର ଲସ୍ ଏଞ୍ଜେଲ୍ସରେ ଦୁଇଟି ଓ ସିଆଟେଲରେ ଗୋଟିଏ ମ୍ୟାଚ୍ ଖେଳିବାର ଅଛି। ସିଏନ୍‌ବିସି ଦ୍ୱାରା ଆୟୋଜିତ ଇକୋନୋମିକ୍ କନଫରେନ୍ସରେ ଇନ୍‌ଫାଣ୍ଟିନୋ କହିଛନ୍ତି, ଇରାନ ନିଶ୍ଚିତ ଆସୁଛି। ବିଶ୍ୱକପ୍ ବେଳକୁ ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିବ, ଯାହାକି ନିଶ୍ଚିତ ସାହାଯ୍ୟ କରିବ ବୋଲି ଆମେ ଆଶା କରୁଛୁ। କିନ୍ତୁ ଇରାନକୁ ଆସିବାକୁ ପଡ଼ିବ। ସେମାନେ ଦେଶବାସୀଙ୍କ ପ୍ରତିନିଧିତ୍ୱ କରନ୍ତି। ସେମାନେ ଯୋଗ୍ୟତା ହାସଲ କରିଛନ୍ତି ଏବଂ ଖେଳିବାକୁ ମଧ୍ୟ ଚାହୁଁଛନ୍ତି।

# ତୁଟୁନି ଜୁନିଅର ଆସିଷ୍ଟାଣ୍ଟ ନିଯୁକ୍ତି ବିବାଦ ସ୍ୟାଟ୍‌ରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଗଲାଣି ମାମଲା

**କଟକ, ନ୍ୟୁଜ୍‌ବ୍ୟୁରୋ**

୧୯୯୬-୯୭ ମସିହାରେ ସଚିବାଳୟରେ ଜୁନିଅର ଆସିଷ୍ଟାଣ୍ଟ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ଏହି ପଦ ଲାଗି ୬୭୧ ଜଣ ଚୟନ ହେଲେ କିନ୍ତୁ ରାଜ୍ୟ ସରକାର ୩୬୧ଜଣଙ୍କୁ ନିଯୁକ୍ତି ଦେଲେ। ଏହି ନିଯୁକ୍ତିରେ ସଂରକ୍ଷଣ ନିୟମର ଉଲ୍ଲଂଘନ ହୋଇଥିବା ଦର୍ଶାଇ ମାମଲା ସ୍ୟାଟ୍ ରେ ହେଲା। ସ୍ୟାଟ୍‌ରୁ ମାମଲା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା। ରାଜ୍ୟ ସରକାର ୨୦୨୫ ଜୁଲାଇ ୪ ତାରିଖରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ମେଧା ତାଲିକାରେ ସ୍ଥାନ ପାଇଥିବା ସମସ୍ତ ୬୭୧ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁପ୍ରିମକୋର୍ଟରେ ପ୍ରତିଶ୍ରୁତି ଦିଆଯିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ହାଇକୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାରେ ସୁପ୍ରିମ କୋର୍ଟରେ ନିଯୁକ୍ତି ସଂକ୍ରାନ୍ତ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ସେ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମେ' ୮ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଏହି ନିଯୁକ୍ତି ମାମଲାରେ ପ୍ରଥମେ ସ୍ୟାଟ୍ ସମସ୍ତ ୬୭୧ଜଣଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇ ଥିଲେ। ପରେ ଏହି ମାମଲାକୁ କେନ୍ଦ୍ର କରି ରାଜ୍ୟ ସରକାର, ଆବେଦନ କାରୀ ଏକାଧିକ ବାର୍ ହାଇକୋର୍ଟ, ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇ ସାରିଲେଣି। ମାମଲାର ଶୁଣାଣି ଅବସରରେ ରାଜ୍ୟ ସରକାର ଚୟନ ହୋଇଥିବା ସମସ୍ତ ୬୭୧ ଜଣଙ୍କୁ ନୂତନ ପଦ ସୃଷ୍ଟି କରି ନିଯୁକ୍ତି ଦେବା ଲାଗି ଯୋଜନା କରୁଛନ୍ତି ବୋଲି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଏବେ ହାଇକୋର୍ଟ ସେହି ପ୍ରତିଶ୍ରୁତି ସଂପର୍କରେ ରାଜ୍ୟ ମୁଖ୍ୟ ଶାସନସଚିବଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ଶ୍ରୀ ମିଶ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଯୁବ ଆଇନଜୀବୀ ଜଗଦୀଶ ବିଶ୍ୱାଳ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୀମା ପୁନଃ ...

କରୁଥିଲେ, ସେମାନଙ୍କୁ ଦେଶର ମହିଳାମାନେ କ୍ଷମା ଦେଇ ନଥିଲେ। ଏହାପରେ ହୋଇଥିବା ନିର୍ବାଚନରେ ସେମାନଙ୍କୁ ଭୟଙ୍କର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଯେଉଁମାନେ ମହିଳାଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦେଶର ମହିଳାମାନେ କ୍ଷମା କରି ନାହାନ୍ତି କିମ୍ବା କରିବେ ନାହିଁ। ଯଦି ଆମେ ଏକାଠି ଆଗକୁ ବଢ଼ିବା, ତା'ହେଲେ ଏହି ନିଷ୍ପତ୍ତି କୌଣସି ଗୋଟିଏ ରାଜନୀତିକ ଦଳକୁ ଫାଇଦା ଦେବ ନାହିଁ, ବରଂ ଏହା ଦେଶର ଗଣତନ୍ତ୍ରକୁ ଫାଇଦା ଦେବ। ଆମେ ସମସ୍ତେ ମହିଳାମାନଙ୍କୁ ସଂରକ୍ଷଣ ଦେବାର ଏହି ମହତ୍ତ୍ୱପୂର୍ଣ୍ଣ ସୁଯୋଗକୁ ହାତ ଛଡ଼ା କରିବା କଥା ନୁହେଁ। ମୁଁ ଏଠାରେ ସମସ୍ତଙ୍କୁ ଅନୁରୋଧ କରୁଛି ଯେ କେହି ବି ଏହାକୁ ରାଜନୈତିକ ଚଷମାରେ ଦେଖନ୍ତୁ ନାହିଁ। ଏହାକୁ ଜାତୀୟ ସ୍ୱାର୍ଥ ଭାବେ ବିବେଚନା କରନ୍ତୁ। ମହିଳା ସଂରକ୍ଷଣ ୨୫ରୁ ୩୦ ବର୍ଷ ତଳୁ ଲାଗୁ ହେବା କଥା। ଆମେ ଯଦି ଏହାକୁ ସେତେବେଳେ ଲାଗୁ କରିଥାଆନ୍ତୁ, ତା'ହେଲେ ଆଜି ଆମେ ଗୋଟିଏ ପରିପକ୍ୱ ଦେଶ ହୋଇଥାଆନ୍ତୁ।"

## ଆରମ୍ଭ ହେଲା ...

ଗଠିତ ପ୍ରଶ୍ନାବଳୀ ରହିଛି। ଏଥିରେ ବାସସ୍ଥାନର ଅବସ୍ଥା, ନିର୍ମାଣ ସାମଗ୍ରୀ, ପରିବାରମାନଙ୍କ ଖାଦ୍ୟ ଅଭ୍ୟାସ ଏବଂ ଦୁଇଚକିଆ ଓ ଚାରିଚକିଆ ଯାନ ମାଲିକାନା ଭଳି ସାମାଜିକ-ଆର୍ଥିକ ପ୍ରସଙ୍ଗର ସୂଚନା ସଂଗ୍ରହ କରାଯିବ। ପୂର୍ଣ୍ଣ ସର୍ଭେ ଆରମ୍ଭ ପୂର୍ବରୁ କର୍ମଚାରୀମାନଙ୍କୁ ତିନି ଦିନର ମ୍ୟାପିଂ କାମ ଦିଆଯାଇଛି। ଏହି ସମୟରେ ସେମାନେ ନିଜ ନିର୍ଦ୍ଧାରିତ ଅଞ୍ଚଳକୁ ଚିହ୍ନଟ କରିବେ, ସ୍ଥାନୀୟ ପରିସ୍ଥିତିକୁ ବୁଝିବେ ଏବଂ ଘର ଓ ପରିବାର ସଂଖ୍ୟାର ଆନୁମାନ କରିବେ। ଏହି ପ୍ରାରମ୍ଭିକ ପର୍ଯ୍ୟାୟ ୧୮ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ମ୍ୟାପିଂ କାମ ସମ୍ପୂର୍ଣ୍ଣ ହେବା ପରେ ବାସ୍ତବ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ସଂଗୃହିତ ତଥ୍ୟକୁ ଡିଜିଟାଲ ଆକାରରେ ସଂରକ୍ଷିତ କରାଯିବ, ଯାହା ଫଳରେ ପ୍ରକ୍ରିୟା ଅଧିକ ସୁସଂଗଠିତ, ସଠିକ୍ ଓ ପ୍ରଶାସନିକ ବ୍ୟବହାର ପାଇଁ ସହଜ ହେବ। ଅଧିକାରୀମାନଙ୍କ କହିବା ଅନୁସାରେ, ଏହି ଡିଜିଟାଲ ପ୍ରଣାଳୀ ପାରଦର୍ଶିତା ଓ କାର୍ଯ୍ୟକୁଶଳତା ବଢାଇବାରେ ସହାୟକ ହେବ ଏବଂ ରାଜ୍ୟରେ ତଥ୍ୟ-ଆଧାରିତ ପ୍ରଶାସନକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି । ଘରକୁ ଘର ବୁଲି ଗୃହ ଗଣନା କାର୍ଯ୍ୟ କରାଯାଉଛି । ମେୟର ସୁଲୋଚନା ଦାସ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକ୍ରମର ଗୁରୁବାର ଶୁଭାରମ୍ଭ କରିଛନ୍ତି । ୩୫ ନମ୍ବର ୱାର୍ଡର ଭଗବତୀ ବସ୍ତିରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ କର୍ପୋରେଟର, ବିଏମ୍‌ସିର ଜନଗଣନା ଅଧିକାରୀ, ତାଲିମ ପ୍ରାପ୍ତ କର୍ମଚାରୀ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟ କରିଛନ୍ତି । ଏହି କାର୍ଯ୍ୟକ୍ରମ ମଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ରାଜ୍ୟରେ ମେରାଇନ୍ ...

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ନ୍ୟାସନାଲ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚର ନିର୍ଦ୍ଦେଶକ ଡକ୍ଟର ଆର.ଏସ୍. କନ୍‌କରା ଏହି ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମଏସପି କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତି (ବ୍ଲୁ-ଇକୋନୋମି) ର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମଏସପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ସେଷ୍ଟେନେବଲ ଓସେନ୍ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହା କାର୍ଯ୍ୟକାରୀ କରୁଛି। ଓଡିଶାର ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଞ୍ଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ। ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳ ଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଞ୍ଚଳ ଗୁଡିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମଏସପି ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ଅଗଷ୍ଟ ମାସରେ ସାମୁଦ୍ରିକ ପର୍ଯ୍ୟାବରଣର ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ ଓମ୍ବରିକ୍ (ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର ) ଆରମ୍ଭ କରାଯାଇଥିଲା। ଏହା ଆମର ବର୍ତ୍ତମାନର ଏମଏସପି କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ। ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ସବୁ ଦୃଷ୍ଟିରୁ ପୂରଣ କରିବା ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଏକ ଜରୁରୀ ଆବଶ୍ୟକତା। ତେଣୁ, ଏ କ୍ଷେତ୍ରରେ ନରୱେ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ଦୃଢ ସମର୍ଥନ ଦେଇଆସିଛନ୍ତି। ଓଡିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ସଷ୍ଟେନେବଲ ଓସେନ୍ ପ୍ଲାନିଂ ର ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ନିଜର ମତାମତ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ନ୍ୟାସନାଲ୍ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚ ବା ଏନସିସିଆର ହେଉଛି ସାମୁଦ୍ରିକ ଗବେଷଣାରେ ଏକ ଅଗ୍ରଣୀ ଅନୁଷ୍ଠାନ। ସାମୁଦ୍ରିକ ଜୀବଜଗତର ସୁରକ୍ଷା, ପରିବେଶ ପରିବର୍ତ୍ତନର ପ୍ରଭାବ ଏବଂ ସାମୁଦ୍ରିକ ସମ୍ବଳର ଉନ୍ନତ ବ୍ୟବହାର ଦିଗରେ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମଡେଲ୍ ପ୍ରସ୍ତୁତକରିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏମଏସପି ସଫଳତା ପାଇଁ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭ର ପରିକଳ୍ପନାକୁ ସଫଳ କରିବା ପାଇଁ ଏହି ଏମଏସପି ଏକ ମହତ୍ତ୍ୱପୂର୍ଣ୍ଣ ଅଭିଯାନ। ମତ୍ସ୍ୟ, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଉତ୍ସ ଗୁଡିକର ସର୍ବାଧିକ ବିନିଯୋଗ ସହିତ ପର୍ଯ୍ୟାବରଣର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍ ରବିଚନ୍ଦ୍ରନ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଭିଜନ ୨୦୪୭ ପାଇଁ ଦେଶକୁ ସମସ୍ତ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବାକୁ ପଡିବ। ତା ସହିତ ପରିବେଶ ପରିବର୍ତ୍ତନର ଆହ୍ୱାନକୁ ମଧ୍ୟ ମୁକାବିଲା କରିବାକୁ ହେବ। ଆମର ବ୍ଲୁ-ଇକୋନୋମି ଯେପରି ସଷ୍ଟେନେବଲ୍ (ଦୀର୍ଘସ୍ଥାୟୀ) ହେବ, ସେଥିପାଇଁ ଏହି ଏମଏସପି ସହାୟକ ହେବ ବୋଲି ସେ ମତ ଦେଇଥିଲେ। ରୟାଲ ନରୱେଜିଆନ୍ ଏମ୍ବାସିର ଡେପୁଟି ଆମ୍ବାସାଡର ମିଷ୍ଟର ଅରଭିନ୍ ଗାଡ୍‌ଗିଲ କହିଲେ ଯେ, ଓଡିଶାର ଏକ ସାମୁଦ୍ରିକ ବାଣିଜ୍ୟ ଐତିହ୍ୟ ରହିଛି। ଏହାର ଏକ ଦୀର୍ଘ ଉପକୂଳ ରହିଛି। ତେଣୁ ସାମୁଦ୍ରିକ ଅର୍ଥନୀତି ତଥା ପର୍ଯ୍ୟାବରଣର ସୁରକ୍ଷା ପାଇଁ ଓଡିଶାର ଏହି ଉଦ୍ୟମରେ ନରୱେ ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଟେକ୍ନୋଲୋଜି ଭିତ୍ତିକ ସମ୍ବଳ ପରିଚାଳନା ଜରିଆରେ ଓଡିଶାର ଲୋକଙ୍କ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ କରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଗଣ, ନରୱେ ସରକାରଙ୍କ ଅଧିକାରୀଗଣ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ରିପୋର୍ଟ ...

ତେଣୁ ଛୁଟି କରିବାକୁ ବିଚାର କରାଯାଉଛି। ତେବେ ଏସଆରସିଙ୍କ ହିଟ୍ ୱେଭ୍ ସମୀକ୍ଷା ପରେ ହିଁ ଖରାଛୁଟି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ।

## ହିଟ୍ ୱେଭ୍ ...

ଟିଟିଲାଗଡ଼ରେ ସର୍ବାଧିକ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ସକାଳ ୮ଟା ପରେ ରାସ୍ତାଘାଟ ଶୁନଶାନ୍ ହୋଇଯାଉଛି । କିଛି ଦିନ ତଳେ କାଳବୈଶାଖୀ ଯୋଗୁଁ ତାତି କମ୍ ଥିବା ବେଳେ ଏବେ କିନ୍ତୁ ଭୀଷଣ ପ୍ରକୋପ ଅନୁଭୂତ ହେଉଛି । ନିହାତି କାମ ନ ଥିଲେ ଘରୁ ବାହାରିବାକୁ ଡରୁଛନ୍ତି ଲୋକେ। ପ୍ରବଳ ଖରା ଓ ଗୁଳୁଗୁଳି ପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଉପକୂଳରୁ ଉପାନ୍ତ ସବୁଠି ତାତି ଅସହ୍ୟ କରୁଥିବା ବେଳେ ରାଜ୍ୟର ବହୁ ଜିଲ୍ଲାବାସୀ ଅସହ୍ୟ ଗରମ ସହ ଗୁଳୁଗୁଳି ଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି।

## ଭୋଟକୁ ବାଧ୍ୟତାମୂଳକ...

ପରାମର୍ଶର ବ୍ୟବହାରିକତା ଉପରେ ପ୍ରଶ୍ନ ଉଠାଇ କହିଥିଲେ, ଯଦି ଜଣେ ଗରିବ ବ୍ୟକ୍ତି ଚାକିରି ଯୋଗୁଁ ଭୋଟ ଦେଇପାରୁନାହାନ୍ତି ତେବେ ଆମେ କ'ଣ କରିପାରିବୁ? ଆମେ କ'ଣ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବା ଉଚିତ? ଗଣତନ୍ତ୍ରରେ, ସମସ୍ତେ ଭୋଟ୍ ଦେବା ଆଶା କରାଯାଏ। ଏହି ଅଧିକାରକୁ ଉତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ ଚଲାଇହେବ, କିନ୍ତୁ ଆମେ ଲୋକଙ୍କୁ ଏହା କରିବାକୁ କିପରି ବାଧ୍ୟ କରିପାରିବା? ଜଣେ ଭୋଟ୍ ଦେବେ କି ନାହିଁ ତାହା ବ୍ୟକ୍ତିଗତ ପସନ୍ଦର ବିଷୟ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ବାଗଚିଙ୍କୁ ଉଦାହରଣ ଦେଇ ଆବେଦନକାରୀଙ୍କୁ କହିଥିଲେ ଯେ, ଯଦି ତାଙ୍କ ଯୁକ୍ତି ଗ୍ରହଣ କରାଯାଏ, ତେବେ ଜଷ୍ଟିସ ବାଗଚିଙ୍କୁ ଭୋଟ୍ ଦେବା ପାଇଁ ପଶ୍ଚିମବଙ୍ଗ ଯାତ୍ରା କରିବାକୁ ପଡିବ। ଯଦିଓ ସେହି ଦିନ ସୁପ୍ରିମକୋର୍ଟଙ୍କର କାର୍ଯ୍ୟ ଦିବସ ରହିଛି। ଜଷ୍ଟିସ ବାଗଚି ଜବାବ ଦେଇଥିଲେ ଯେ, ନ୍ୟାୟିକ କାର୍ଯ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କୋର୍ଟ ଆବେଦନକାରୀଙ୍କୁ କହିଥିଲେ, ଏହା ଏକ ନୀତିଗତ ପ୍ରସଙ୍ଗ। ଏପରି ନିୟମ ପ୍ରଣୟନ ନେଇ ହସ୍ତକ୍ଷେପ କରିବା କୋର୍ଟଙ୍କର କାମ ନୁହେଁ ବୋଲି କହି ସିଜେଆଇ ଆବେଦନକୁ ଖାରଜ କରିଛନ୍ତି।

# ଗ୍ରୀଷ୍ମଦାଉରୁ ଉପଶମ ପାଇଁ ଜଳକ୍ରୀଡ଼ା କରିବେ ମହାପ୍ରଭୁ

# ଅକ୍ଷୟ ତୃତୀୟା ପାଇଁ ପ୍ରସ୍ତୁତ ଚନ୍ଦନ ଘର, ସୁସଜ୍ଜିତ ମଣ୍ଡପ

**ପୁରୀ, ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଓ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା । ଗ୍ରୀଷ୍ମ ଦାଉରୁ ଉପଶମ ପାଇଁ ଜଳକ୍ରୀଡ଼ା କରିବେ ଲୀଳାଧାରୀ ମହାପ୍ରଭୁ । ଏନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ଆଉ ଆରମ୍ଭ ହେଲାଣି ପ୍ରଶାସନିକ ପ୍ରସ୍ତୁତି । ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟରେ ବି ବାଜି ସାରିଛି ମୋହର । ଏନେଇ ଚନ୍ଦନ ଘର ଓ ମଣ୍ଡପକୁ ସୁସଜ୍ଜିତ କରାଯାଉଛି ।



ବୈଶାଖ ତୃତୀୟାରୁ ନୌବିହାର କରିବାକୁ ନରେନ୍ଦ୍ର ସରୋବରକୁ ମଣି ବିମାନରେ ବିରାଜିବେ ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀ। ତାଙ୍କ ସହ ସୁସଜ୍ଜିତ ପାଲିଙ୍କିରେ ରାମକୃଷ୍ଣଙ୍କ ସମେତ ପଞ୍ଚ ପାଣ୍ଡବ ମଧ୍ୟ ବିମାନରେ ଆସି ନରେନ୍ଦ୍ରରେ ନୌକା ବିହାର କରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ କରାଯାଉଥିବା ବେଳେ ଚାପଡଙ୍ଗାରେ ରଙ୍ଗ କାମ ଆରମ୍ଭ ହୋଇଛି । ସେପଟେ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦିର ସୁବନ୍ଦୋବସ୍ତ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ।

ସେପଟେ ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟକୁ ନେଇ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ମୋହର ବାଜି ସାରିଛି । ଅନ୍ୟପଟେ ଚନ୍ଦନ ଘର ବାହାର ପାର୍ଶ୍ୱରେ ଚିତ୍ରକରଙ୍କ ଦ୍ୱାରା ସୁସଜ୍ଜିତ କରାଯାଉଛି । ନରେନ୍ଦ୍ର ପୁଷ୍କରିଣୀରେ ଚାପ ଡଙ୍ଗାରେ ରାଳ ବୋଳା ସରିଛି । ଶିଉଳି ଛଡ଼ାଇ ସଫା କରାଯିବା ପରେ ପିଚୁ, ରାଳ ଓ ଝୁଣା ମିଶି ରନ୍ଧା ହୋଇ ଏହାର ଲେପ ଡଙ୍ଗାରେ ଦିଆଯାଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଏହି ଦୀର୍ଘତମ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର କରିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା।

# ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଇସ୍ରୋ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ ପାଇଁ ମନୋନୀତ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**



ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ବିରାଟ ସିଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଆୟୋଜିତ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନ, ବିଶେଷ କରି ମହାକାଶ ବିଜ୍ଞାନ ଓ ଗବେଷଣା ପାଇଁ ନିଜର ନିଷ୍ଠା ଓ ଆଗ୍ରହ ପାଇଁ ସେ ଏ ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିରାଟଙ୍କୁ ଜିନ୍ଦଲ ସ୍କୁଲର ଅଧ୍ୟକ୍ଷା ସଂଗୀତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ପିଲାଙ୍କ ମନରେ ପୁସ୍ତକ ଜ୍ଞାନ ଓ ଗବେଷଣାତ୍ମକ ଜ୍ଞାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଏହି ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମର ଲକ୍ଷ୍ୟ। ଉପଗ୍ରହ ପ୍ରଯୁକ୍ତି ବିଦ୍ୟା, ରକେଟ ଉତକ୍ଷେପଣ, ମହାକାଶ ଅଭିଯାନ ଓ ମହାକାଶ ପଦାର୍ଥ ବିଜ୍ଞାନ ସମ୍ପର୍କିତ ପ୍ରାକ୍ଟିକାଲ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ବହୁତ ସହାୟକ ହେବ। ଏହି କାର୍ଯ୍ୟକ୍ରମ ପାଇଁ ମନୋନୀତ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ଇସ୍ରୋ ସେଣ୍ଟରରେ ବହୁ ପ୍ରତିଷ୍ଠିତ ମହାକାଶ ବିଜ୍ଞାନୀ ଓ ଗବେଷକଙ୍କଠାରୁ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବେ।

# ହିମାଚଳ ପ୍ରଦେଶକୁ ୬ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି

**ଶିମଳା :**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୭ ଅପ୍ରେଲରୁ ୨ ମଇ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶର ଛଅ ଦିନ ଗସ୍ତରେ ଯିବେ। ଏହି ଗସ୍ତ ତାଙ୍କ ମୁଖ୍ୟ ପ୍ରବାସ ଶିମଲା ପାଖରେ ଥିବା ରାଷ୍ଟ୍ରପତି ନିବାସ ମଶୋବରାରେ ରହିବ। ରାଷ୍ଟ୍ରପତି ସଚିବାଳୟ ଦ୍ୱାରା ଜାରି ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁଯାୟୀ, ରାଷ୍ଟ୍ରପତି ହିମାଚଳ ପ୍ରବାସ ସମୟରେ ଶିମଲା, ଅଟଳ ଟନଲ ଏବଂ ହିମାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟ ପାଲମପୁରର ଗସ୍ତ କରିବା ବ୍ୟତୀତ ଅନ୍ୟ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଭାଗ ନେବେ। ରାଷ୍ଟ୍ରପତି ୨୭ ଅପ୍ରେଲକୁ ବିଶେଷ ବିମାନରେ ଚଣ୍ଡୀଗଡ଼ ପହଂଚିବେ ଏବଂ ସେଠାରୁ ହେଲିକାପ୍ଟର ଜରିଆରେ ମଶୋବରା ପହଞ୍ଚି ରାଷ୍ଟ୍ରପତି ନିବାସରେ ରହିବେ। ଶିମଲା ପ୍ରବାସ ସମୟରେ ଏହା ତାଙ୍କର ମୁଖ୍ୟ ଆବାସ ରହିବ। ମଶୋବରା ସ୍ଥିତ ରାଷ୍ଟ୍ରପତି ନିବାସ ପରମ୍ପରାଗତ ରୂପେ ରାଷ୍ଟ୍ରପତିଙ୍କ ଶିମଲା ଗସ୍ତ ସମୟରେ ଆଧିକାରିକ ରହଣିର ସ୍ଥାନ ରହିଛି।

# ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ଶୁଭ ଦେଲେ କେଭି ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାର ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୱାର୍ଡ ନଂ ୯ ଏନ.ଏ.ସି. ଅଫିସ ନିକଟସ୍ଥ ଦୋକାନ ଗୃହ, ପାଠାଗାର ଓ ଯାତ୍ରୀ ନିବାସ ନିର୍ମାଣ ତଥା ପାଟଣାଗଡ଼ ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଞ୍ଚଳର ସାମଗ୍ରିକ ବିକାଶ ଏବଂ ସାଧାରଣ ଜନତାଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ପାଟଣାଗଡ଼ର ସହରୀ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ।

# ସଂଗଠିତ କୃଷକମାନଙ୍କୁ ସଶକ୍ତ କରିବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**




ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଦ୍ୱାରା ରେଙ୍ଗାଲି ବ୍ଲକ୍‌ର ଛଅଟି ଗ୍ରାମ ପଞ୍ଚାୟତରେ ସକ୍ରିୟଭାବେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ କରାଯାଉଛି। ଏହି ପ୍ରୟାସମାନଙ୍କ ଅଧୀନରେ "ପ୍ରକଳ୍ପ ଉନ୍ନତି" କୃଷକମାନଙ୍କ ସହିତ କାମ କରି ସୁସ୍ଥାୟୀ କୃଷି ପ୍ରଥାକୁ ପ୍ରୋତ୍ସାହନ ଦେଉଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ସଂଗଠିତ କ୍ଷମତାବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା। "ଉଦ୍ୟାନ ଫସଲରେ ଜୈବିକ ପ୍ରଥା" ବିଷୟରେ କୃଷି ବିଜ୍ଞାନ କେନ୍ଦ୍ର, ସମ୍ବଲପୁରରେ ଏକ ପ୍ରଶିକ୍ଷଣ ସହିତ ଅନୁଭବ ବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ରେଙ୍ଗାଲି ବ୍ଲକ୍‌ର କତରବାଗା ଓ ଘିଚାମୁରା ପଞ୍ଚାୟତର ୩୦ ଜଣ କୃଷକ ଅଂଶଗ୍ରହଣ କରିଥିଲେ। ଏହି ତାଲିମଟି ଡ଼ା. ସ୍ୱାଗତିକା ଶ୍ରୀଚନ୍ଦନ, ବରିଷ୍ଠ ବିଜ୍ଞାନୀ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଚିପିଲିମା, ସମ୍ବଲପୁରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସେ ଜୈବିକ ସାରର ବ୍ୟବହାର, ତାହାର ଲାଭ ଓ ପରିବେଶ ଉପରେ ତାହାର ସକାରାତ୍ମକ ପ୍ରଭାବ ସମ୍ପର୍କରେ ସମଗ୍ର ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏକ କ୍ଷେତ୍ର ସନ୍ଦର୍ଶନ ମଧ୍ୟ ସମ୍ମିଳିତ ଥିଲା, ଯାହା ମାଧ୍ୟମରେ କୃଷକମାନେ ଜୈବିକ କୃଷି ପ୍ରଥା ଓ ସମନ୍ୱିତ କୃଷି ପ୍ରଣାଳୀ ଉନ୍ନତର ପ୍ରାୟୋଗିକ ଅନୁଭବ ଅର୍ଜନ କରିଥିଲେ। ଏହା ସହିତ, ଡ଼ା. ଅତନୁ ସେନୀ, ବିଜ୍ଞାନୀ (କୀଟବିଜ୍ଞାନ), ଏ ଆଇ ସି ଆର ପି ରାଏଇସି, ଆର.ଆର.ଟି.ଡି. ଚିପ୍ଲିମାଙ୍କ ସହ ଏକ ଆନ୍ତର୍କ୍ରିୟାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଠାରେ କୃଷକମାନେ ଫସଲରେ କୀଟପତଙ୍ଗ ନିୟନ୍ତ୍ରଣ ସମ୍ପର୍କିତ କାର୍ଯ୍ୟକାରୀ ପଦ୍ଧତି ବିଷୟରେ ଜାଣିଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷକମାନଙ୍କୁ କେ.ଭି.କେତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ସି ଏସ ଆର କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ସିଏସଆର୍ ମୁଖ୍ୟ ରବି ନିୱାସ ଓ ମନୋରଞ୍ଜନ ବେହେରାଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଥିଲା। ସେମାନେ କୃଷକମାନଙ୍କ ସହ ଆଲୋଚନା କରି ଏପରି ପ୍ରୟାସମାନଙ୍କ ମାଧ୍ୟମରେ ଆଗାମୀଦିନରେ ନିରନ୍ତର ସହଯୋଗ ଜାରି ରହିବ ବୋଲି ଆଶ୍ୱାସନ ଦେଇଥିଲେ। ଏହି ପ୍ରୟାସକୁ ଅଂଶଗ୍ରହଣକାରୀ କୃଷକମାନେ ତାହାର ପ୍ରାସଙ୍ଗିକତା ଓ ପ୍ରାୟୋଗିକ ଲାଭ ପାଇଁ ଉଚ୍ଚମାନରେ ପ୍ରଶଂସା କରିଥିଲେ।

# ସଂସଦରେ ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ଆଶଙ୍କା ଉପରେ ନବୀନଙ୍କ ପ୍ରସ୍ତାବ ଗ୍ରହଣ କର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶାର ଏମପିମାନଙ୍କୁ ଲେଖିଥିବା ଚିଠି ଉପରେ ବିଜେପି ନେତୃବୃନ୍ଦମାନେ ଦେଇଥିବା ପ୍ରତିକ୍ରିୟା ଉପରେ ବିଜେଡି ପାଲଟା ଜବାବ ରଖିଛି । ନବୀନ ଉଠାଇଥିବା ପ୍ରସଙ୍ଗ ରାଜ୍ୟର ହିତ ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଥିବା ବେଳେ, ବିଜେପି ନେତୃବୃନ୍ଦଙ୍କ ପ୍ରତିକ୍ରିୟା କେବଳ ତାଙ୍କର ହୀନମନ୍ୟତାର ପରିଚୟ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଦଳର ମୁଖପାତ୍ର ମିହିର ରାୟ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ରାଜ୍ୟ ବିଜେପି ସରକାର ବାରମ୍ବାର ବିଫଳ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ, ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନବୀନ ପଟ୍ଟନାୟକ ଉଠାଇଥିବା ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ପ୍ରସଙ୍ଗ ଉପରେ ମନ୍ତବ୍ୟ ନରଖି ନବୀନଙ୍କ ଚିଠି ଉପରେ ଟିପ୍ପଣୀ ଦେବା, ତାଙ୍କର ଦାୟିତ୍ୱହୀନତା ଓ ହୀନମନ୍ୟତାର ପରିଚୟ ଦେଇଛି । ଡ. ଲେନିନ ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ, ସମଗ୍ର ଦେଶରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ବାବୁ ଓ ପରେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ । ମହିଳା ମାନଙ୍କୁ ସଂସଦ ଓ ବିଧାନସଭା କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ଦେଶରେ ପ୍ରୟାସ ଆରମ୍ଭ ହେବାବେଳେ, ୨୦୧୮ ମସିହାରେ ରାଜ୍ୟ ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରିବା ସହିତ ଦେଶର ୨୨ଟି ରାଜନୈତିକ ଦଳର ନେତୃତ୍ୱଙ୍କୁ ବିଜେଡିର ପ୍ରତିନିଧି ମଣ୍ଡଳୀ ଭେଟି, ଏହାକୁ ସମର୍ଥନ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଡ଼ ମହାନ୍ତି କହିଥିଲେ, ଡିଲିମିଟେସନ ମାଧ୍ୟମରେ ସଂସଦର ଆସନ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ପ୍ରସଙ୍ଗରେ, ନବୀନ ପଟ୍ଟନାୟକ ପ୍ରାୟ ଏକ ବର୍ଷ ତଳୁ ଜନସଂଖ୍ୟା ଆଧାରରେ ଆସନ ବୃଦ୍ଧି ହେଲେ ଓଡ଼ିଶାର ପ୍ରତିନିଧିତ୍ୱ କମିବାର ଆଶଙ୍କା ରହିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ । ତେଣୁ, ନବୀନ ପଟ୍ଟନାୟକ ତାଙ୍କ ଚିଠିରେ ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ୫୪୩ରୁ ୨୧ ସାଂସଦ ଥିଲା ବେଳେ ଏହା ୩.୯ ପ୍ରତିଶତ ଥିଲା ବେଳେ ନୂତନ ପ୍ରସ୍ତାବ ଅନୁଯାୟୀ ସାଂସଦ ସଂଖ୍ୟା ୮୫୦କୁ ବୃଦ୍ଧି ପାଇବାକୁ ଯାଉଥିବା ବେଳେ ଓଡ଼ିଶାର ସାଂସଦ ସଂଖ୍ୟା ୨୯କୁ ବୃଦ୍ଧି ପାଇବ, ଯାହା ସମୁଦାୟ ସାଂସଦର ୩.୪ ପ୍ରତିଶତ। ଏଥିରୁ ଓଡ଼ିଶାର ପ୍ରତିନିଧିତ୍ୱ ୦.୫ ପ୍ରତିଶତ କ୍ଷତି ହେଉଥିବା ସ୍ପଷ୍ଟ ହେଉଛି। ଏହି ପରିପ୍ରେକ୍ଷୀରେ, ରାଜ୍ୟର ହିତ ଦୃଷ୍ଟିରୁ ପଦକ୍ଷେପ ନେବା ପରିବର୍ତ୍ତେ, ବିଜେପି ନେତୃବୃନ୍ଦ ଯଥା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୂଳ ପ୍ରସଙ୍ଗ ଉପରେ ନିରବ କେବଳ ଟୀକା ଟିପ୍ପଣୀରେ ସୀମିତ ରଖିଛନ୍ତି, ଯାହାକୁ ଆମେ ନିନ୍ଦା କରୁଛୁ। ଶ୍ରୀ ମିହିର ରାୟ କହିଥିଲେ, ନବୀନ ପଟ୍ଟନାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ସାଂସଦ ମାନଙ୍କୁ ଲେଖିଥିବା ଚିଠିରେ ସାଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଉଥିବା କଥା ଉଲ୍ଲେଖ କରିବା ସହିତ ଏହାକୁ ମିଳିତ ଭାବେ କିପରି ବିରୋଧ କରାଯାଇ ପାରିବ, ସେନେଇ ପ୍ରସ୍ତାବ ରଖିଛନ୍ତି । ରାଜ୍ୟର ସ୍ୱାର୍ଥ ବ୍ୟାହତ ହେଉଥିବା ନବୀନଙ୍କ ଚିଠିରୁ ସ୍ପଷ୍ଟ ହେଉଥିବା ବେଳେ, ରାଜ୍ୟବ୍ୟାପୀ ବିଭିନ୍ନ ବର୍ଗରୁ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ନବୀନ ଉଠାଇଥିବା ପ୍ରସଙ୍ଗ ଉପରେ, ନିଜର ମନ୍ତବ୍ୟ ନରଖି ନବୀନ ରାହୁଲଙ୍କ ମନ୍ତବ୍ୟ ସହିତ ସ୍ୱର ମିଳାଇଛନ୍ତି ବୋଲି ଶ୍ରୀ ପୂଜାରୀ, ଦେଇଥିବା ମନ୍ତବ୍ୟ ତାଙ୍କର ହୀନମନ୍ୟତାକୁ ଦର୍ଶାଇଛି । ସେହିପରି, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ମନ୍ତବ୍ୟ ମଧ୍ୟ ଗ୍ରହଣୀୟ ନୁହେଁ । ଓଡ଼ିଶାର ପ୍ରତିନିଧିତ୍ୱ କମିଯିବାର ଯେଉଁ ଆଶଙ୍କା ପ୍ରକାଶ ପାଇଛି ସେଥିନେଇ ଉଭୟ ନିରବ ରହିଛନ୍ତି । ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ, ଲଗାତର ଭାବେ ବିଭିନ୍ନ ପ୍ରସଙ୍ଗରେ ଓଡିଶା କେନ୍ଦ୍ର ଅବହେଳାର ଶିକାର ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ଓ ୨୦ ବିଜେପି ସାଂସଦ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଅନୁଦାନ କମିଗଲା, ପୋଲାଭରମ ପ୍ରକଳ୍ପ ପାଇଁ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ଆନ୍ଧ୍ର ପ୍ରଦେଶକୁ ୧୫,୦୦୦ କୋଟି ସ୍ୱତନ୍ତ୍ର ଅନୁଦାନ ଦିଆଗଲା, କୋଟିଆକୁ ଆନ୍ଧ୍ର ନିୟନ୍ତ୍ରଣରେ ନେଇଚାଲିଛି, ପଲାସା ଓ ଇଚ୍ଛାପୁରମକୁ ଇଷ୍ଟକୋଷ୍ଟରୁ କାଢି ସାଉଥକୋଷ୍ଟ ହାତକୁ ଟେକି ଦିଆଗଲା ଓ ବଂଶଧାରା ନଦୀରେ ନେରେଡି ଡ୍ୟାମ ନିର୍ମାଣ ପାଇଁ କେନ୍ଦ୍ର ଅନୁମତି ପ୍ରଦାନ ହେଲା, କିନ୍ତୁ ବିଜେପି ସାଂସଦ ମାନଙ୍କର ଓ ରାଜ୍ୟ ବିଜେପି ନେତୃତ୍ୱଙ୍କ ପାଟିରେ ତାଲା ପଡିଛି । ତେଣୁ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ମାନେ ଏକତ୍ରିତ ହୋଇ ଓଡ଼ିଶାର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସମ୍ମିଳିତ ପ୍ରୟାସ କରିବା ନିମନ୍ତେ ନବୀନଙ୍କ ଆହ୍ୱାନକୁ ସ୍ୱୀକାର କରି ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ରାୟ କହିଥିଲେ ।

# ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ଏବିପିଏସ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

# ୯୯.୪% ଅଙ୍କ ରଖି ଜିଲ୍ଲାରେ ଟପ୍ପର ହେଲେ ଶୁଭଶ୍ରୀ ଦାସ




**ରାୟଗଡା, ନ୍ୟୁଜ ବ୍ୟୁରୋ**

ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ (ଏବିପିଏସ୍), ରାୟଗଡା, ସିବିଏସଇ ଦ୍ୱାରା ଅନୁଷ୍ଠିତ ଦଶମ ବୋର୍ଡ ପରୀକ୍ଷା ୨୦୨୬ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ତଥା ଉତ୍କୃଷ୍ଟ ଶୈକ୍ଷିକ ବାତାବରଣ ପ୍ରଦାନ କରିଥିବାରୁ ବିଦ୍ୟାଳୟର ଶିକ୍ଷାର୍ଥୀ ଦଶମ ପରୀକ୍ଷାରେ ଉତ୍କୃଷ୍ଟ କୃତିତ୍ୱ ଅର୍ଜନ କରିଛନ୍ତି।

ଏବିପିଏସ ପକ୍ଷରୁ ଗତ ଦଶମ ସିବିଏସଇ ବୋର୍ଡ ପରୀକ୍ଷାରେ ମୋଟ ୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଶତ ପ୍ରତିଶତ ବିଦ୍ୟାର୍ଥୀ ଦଶମ ପରୀକ୍ଷାରେ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୪ ଜଣ ଶିକ୍ଷାର୍ଥୀ ୯୦% ଠାରୁ ଅଧିକ ଅଙ୍କ ଅର୍ଜନ କରିଛନ୍ତି। ଯାହା ସ୍କୁଲର ଉତ୍କୃଷ୍ଟ ଶିକ୍ଷାଗତ ପରିବେଶ ଦର୍ଶାଉଥିବା ବେଳେ ବିଦ୍ୟାଳୟ ତଥା ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ଅଙ୍କ ରଖି ଟପ୍ପର ହୋଇଛନ୍ତି କୁମାରୀ ସୁଭାଶ୍ରୀ ଦାଶ । ସେ ୯୯.୪% ଅଙ୍କ ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି।

ଅନ୍ୟ ୧୪ ଜଣ ଛାତ୍ରଛାତ୍ରୀ ଡିଷ୍ଟିଙ୍କସନ୍ ଅର୍ଜନ କରିଥିବା ବେଳେ, ଏଥିମଧ୍ୟରୁ ୧୦ ଜଣ ପ୍ରଥମ ଶ୍ରେଣୀ ଏବଂ ୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସମତୁଳିତ ଓ ନିରନ୍ତର ଶିକ୍ଷାଗତ ସଫଳତାକୁ ପ୍ରତିଫଳିତ କରିଛନ୍ତି।

ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଓ ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ରା, ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠାପୂର୍ଣ୍ଣ ପରାମର୍ଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସେମାନଙ୍କ ଅଟଳ ପ୍ରୟାସ ପ୍ରତି ହୃଦୟଙ୍ଗମ କୃତଜ୍ଞତା ଜଣାଇଛନ୍ତି।

ବିଦ୍ୟାଳୟ ପ୍ରିନ୍ସିପାଲ ଅନିରୁଦ୍ଧ ତିୱାରୀ ଛାତ୍ରଛାତ୍ରୀ ଓ ଅଭିଭବକଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତାରେ ଅଭିଭାବକମାନଙ୍କ ଅବିରତ ସମର୍ଥନ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଅବିରତ ପ୍ରୟାସକୁ ଧନ୍ୟବାଦ ଜଣାଇଛନ୍ତି ।

ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍, ରାୟଗଡା ନିୟମିତ ଶୈକ୍ଷିକ ବାତାବରଣ, ଓ ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କୌଶଳ ବିକାଶ ଦିଗରେ ସବୁବେଳେ ପ୍ରୋତ୍ସାହିତ କରି ଉତ୍କର୍ଷତା ହାସଲ କରିଥିବା ସ୍ଥଳେ ବିଦ୍ୟାଳୟ ନିଜ ପ୍ରତିବଦ୍ଧତାକୁ ପୁନଃ ଅବସ୍ଥାପିତ କରିବାରେ ସଫଳ ହୋଇଛି। ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୟ କୃତିତ୍ୱଥିବା ପାଇଁ ଅଭିଭାବକ ମଣ୍ଡଳୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇବାବେଳେ ଶିକ୍ଷକ ଓ ଶିକଷୟିତ୍ରୀମାନେ ଖୁସୀ ବ୍ୟକ୍ତ କରିଛନ୍ତି।

ଭୁବନେଶ୍ୱର, ୧୭ ଅପ୍ରେଲ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ପବନ ଖେଡାଙ୍କୁ ଝଟକା : ଆଗୁଆ ଜାମିନ ଉପରେ ରୋକ ଲଗାଇଲେ ସର୍ବୋଚ୍ଚ ଅଦାଲତ

**ନୂଆଦିଲ୍ଲୀ,୧୬/୦୪**

କଂଗ୍ରେସ ନେତା ପବନ ଖେଡ଼ାଙ୍କ ଅଡୁଆ ପୁଣି ଥରେ ବଢ଼ିଛି। ଏଥର ତାଙ୍କୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟରୁ ଝଟକା ଲାଗିଛି। ବିଶେଷକରି, ତେଲେଙ୍ଗାନା ହାଇକୋର୍ଟ ଖେଡ଼ାଙ୍କୁ ଗିରଫଦାରୀରୁ ରକ୍ଷା କରିବା ପାଇଁ ଯେଉଁ ଗୋଟିଏ ସପ୍ତାହର ଆଶ୍ୱସ୍ତି (ଟ୍ରାଞ୍ଜିଟ୍ ଜାମିନ୍) ଦେଇଥିଲେ, ତାହାକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ଏହାର ଅର୍ଥ ହେଉଛି ସେ ଯେଉଁ ଅସ୍ଥାୟୀ ଆଶ୍ୱସ୍ତି ପାଇଥିଲେ ତାହା ଏବେ ଶେଷ ହୋଇଯାଇଛି। ଆସାମ ସରକାର ଖେଡ଼ାଙ୍କୁ ଦିଆଯାଇଥିବା ଏହି ଆଶ୍ୱସ୍ତି ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାମଲାର ଶୁଣାଣି କରିବା ସମୟରେ, କୋର୍ଟ ପବନ ଖେଡ଼ାଙ୍କୁ ଏକ ନୋଟିସ୍ ଜାରି କରିଥିଲେ। କୋର୍ଟ ତାଙ୍କୁ ଏହି ମାମଲାରେ ତାଙ୍କର ମତାମତ ଉପସ୍ଥାପନ କରିବାକୁ କହିଛନ୍ତି ଏବଂ ଏଥିପାଇଁ ତାଙ୍କୁ ତିନି ସପ୍ତାହ ସମୟ ମଧ୍ୟ ଦେଇଛନ୍ତି। ଏହା ବ୍ୟତୀତ, ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି ସେ ଆଗୁଆ ଜାମିନ ଚାହାଁନ୍ତି, ତେବେ ତାଙ୍କୁ ଆସାମ କୋର୍ଟକୁ ଯିବାକୁ ପଡ଼ିବ। ଆସାମ ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟରେ ଏକ ସରଳ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ପ୍ରଶ୍ନ ଉଠାଇଥିଲେ ମାମଲାଟି ଆସାମରେ ପଞ୍ଜିକୃତ ହୋଇଥିବାରୁ, ତେଲେଙ୍ଗାନା ହାଇକୋର୍ଟ କିପରି ଏହି ମାମଲାରେ ହସ୍ତକ୍ଷେପ କରି ଜାମିନ ପ୍ରଦାନ କରିପାରିବେ? ସେ ଯୁକ୍ତି ଦର୍ଶାଇଥିଲେ ଯେ, ଉପଯୁକ୍ତ ପ୍ରକ୍ରିୟା ଅନୁଯାୟୀ, ପବନ ଖେଡ଼ା ଆସାମ ହାଇକୋର୍ଟକୁ ଯିବା ଉଚିତ ଥିଲା। ସେ ଆହୁରି ଯୁକ୍ତି ଦେଇଥିଲେ ଯେ ଯେହେତୁ ଖେଡ଼ା ଏବଂ ତାଙ୍କ ପତ୍ନୀ



ଦିଲ୍ଲୀରେ ରୁହନ୍ତି – ଏବଂ ଦିଲ୍ଲୀରେ ଜାରି ହୋଇଥିବା ପରିଚୟ ପ୍ରମାଣପତ୍ର ରଖିଛନ୍ତି। ଏହି ଯୁକ୍ତିଗୁଡ଼ିକ ଶୁଣିବା ପରେ, ବିଚାରପତି ଜେ.କେ. ମାହେଶ୍ୱରୀ ଏବଂ ବିଚାରପତି ଅତୁଲ ଏସ. ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି ଯେ, ଆଇନଗତ ପ୍ରକ୍ରିୟା ଅନୁଯାୟୀ, ଏହି ମାମଲା ଆସାମ କୋର୍ଟର କ୍ଷେତ୍ରାଧିକାର ଅଧୀନରେ ପଡ଼େ। ପବନ ଖେଡ଼ାଙ୍କ ପାଖରେ ଏବେ ଅନ୍ୟ କୌଣସି ଉପାୟ ନାହିଁ। ତାଙ୍କୁ ଆଶ୍ୱସ୍ତି ପାଇଁ ଆସାମ କୋର୍ଟକୁ ଯିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ପବନ ଖେଡ଼ା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ ତାଙ୍କ ପତ୍ନୀଙ୍କ ବିରୁଦ୍ଧରେ କିଛି ଗମ୍ଭୀର ମନ୍ତବ୍ୟ ଆଣିଥିଲେ, ସେତେବେଳେ ଏହି ମାମଲା ଆରମ୍ଭ ହୋଇଥିଲା। ଫଳସ୍ୱରୂପ, ଆସାମରେ ତାଙ୍କ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ ହୋଇଥିଲା। ବର୍ତ୍ତମାନ ମାମଲାଟି ପୂର୍ଣ୍ଣାଙ୍ଗ ରୂପ ନେଇଛି, ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା ସେହି ସ୍ଥାନକୁ ଫେରିଯାଇଛି। ଆଗାମୀ ତିନି ସପ୍ତାହ ପବନ ଖେଡ଼ାଙ୍କ ପାଇଁ ବହୁତ ବ୍ୟସ୍ତବହୁଳ ହୋଇପାରେ, କାରଣ ତାଙ୍କୁ ଏବେ ସୁପ୍ରିମକୋର୍ଟରେ ଉତ୍ତର ଦେବାକୁ ପଡ଼ିବ ଏବଂ ଆସାମ କୋର୍ଟରେ ଏକକାଳୀନ ନିଜର ପକ୍ଷ ଉପସ୍ଥାପନ କରିବାକୁ ପଡ଼ିବ।

# ବିଧାୟିକାଙ୍କ ସ୍ୱାମୀଙ୍କୁ ହାଇକୋର୍ଟରୁ ମିଳିଲା ଅନ୍ତରୀଣ ସୁରକ୍ଷା

**କଟକ, ୧୬/୦୪**
**ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ନର୍ଲା ତହସିଲଦାରଙ୍କୁ ଫୋନରେ ହତ୍ୟା ଧମକ ନେଇ ନର୍ଲା ଥାନାରେ ରୁଜୁ ମାମଲାରେ ଶ୍ରୀ ମହାନ୍ତିଙ୍କୁ ହାଇକୋର୍ଟ ୬ ସପ୍ତାହ ପାଇଁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଏଥି ସହିତ ନର୍ଲା ଥାନାରେ ରୁଜୁ ମାମଲାରେ କେସ ଡାଏରି ସହିତ ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ମହାନ୍ତିଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ୬ ସପ୍ତାହ ପରେ ଶ୍ରୀ ମହାନ୍ତିଙ୍କ ଆଗୁଆ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ହେବ।ମାମଲାର ବିବରଣୀରୁ ପ୍ରକାଶ ଯେ ନର୍ଲା ତହସିଲଦାରଙ୍କୁ ଫୋନ୍‌ରେ ହତ୍ୟା ଧମକ ଦେବା ସହିତ ଗାଳିଗୁଲଜ କରିବା ନେଇ ଶ୍ରୀ ମହାନ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୧୫ରେ ଶ୍ରୀ ମହାନ୍ତି ତହସିଲଦାରଙ୍କୁ ଫୋନ କରିଥିଲେ। ବାଲିସିଙ୍ଗା ଓ ସାଲେପଡ଼ା ରାଜସ୍ୱ ଗ୍ରାମ ମଧ୍ୟରେ ତିନି ବର୍ଷ ଧରି ଚାଲିଥିବା ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ବେଳେ କଥା କଟାକଟି ହୋଇଥିଲା। ଶ୍ରୀ ମହାନ୍ତି ଉତକ୍ଷିପ୍ତ ହୋଇ ତାଙ୍କୁ ହତ୍ୟା ଧମକ ଦେବା ସହିତ ଗାଳିଗୁଲଜ କରିଥିଲେ ବୋଲି ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ନର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୨୨୧, ୨୨୪, ୩୫୧(୨), ୩୫୧(୩)ରେ ଏତଲା ପଞ୍ଜୀକରଣ ହୋଇଥିଲା। ଏହାପରେ କଳାହାଣ୍ଡି ପୁଲିସ ରୁପ୍ରା ରୋଡ୍, ଫାର୍ମହାଉସ ଓ ବିଧାୟିକା ଶ୍ରୀମତୀ ମହାନ୍ତିଙ୍କ ସରକାରୀ ବାସଭବନରେ ଚଢଉ କରିଥିଲା। ଅନ୍ୟପକ୍ଷରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଶ୍ରୀ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ମହାନ୍ତିଙ୍କ ତରଫରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

# କିଟ୍ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲ ଫ୍ୟାଶନ୍ ଶୋ କୀର୍ତ୍ତି କଳ୍ପନା ୨୦୨୬ ଅନୁଷ୍ଠିତ




**ଭୁବନେଶ୍ୱର, ୧୬ ।୪**
**ନ୍ୟୁଜ ବ୍ୟୁରୋ**

କିଟ୍ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲର ଫ୍ୟାଶନ୍ ଶୋ କୀର୍ତ୍ତି କଳ୍ପନାର ୧୪ତମ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭୁବନେଶ୍ୱର ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାଶନ୍ ହବ୍‌ରେ ପରିଣତ ହେବାକୁ ଯାଉଛି। ସେ କିଟ୍ ବିଶ୍ୱବିଦ୍ୟାଳୟରେ ଫେମିନା ମିସ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସୁନ୍ଦରୀ ହେଉଥିବାରୁ ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଏହି ଫ୍ୟାଶନ୍ ଶୋ କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର, ଦିଲ୍ଲୀର ବିଶିଷ୍ଟ ଫ୍ୟାଶନ୍ ଡିଜାଇନ ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ.ଡି., କୁଳ ସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫ୍ୟାଶନ୍ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଡିନ ଡ ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଲା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଅତିଥି, ଜୁରି ସଦସ୍ୟ ଓ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ପରେ ଇଭେଣ୍ଟ ବ୍ରୋସର ଉନ୍ମୋଚନ କରାଯାଇଥିଲା। ଶୋ ସେଗମେଣ୍ଟଗୁଡ଼ିକ ସ୍ନାତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଜନଶୀଳ ସଂଗ୍ରହ ପ୍ରଦର୍ଶିତ କରିଥିଲା, ଯାହା ନବସର୍ଜନା, କାରିଗରୀ ଏବଂ ସମସାମୟିକ ଡିଜାଇନ୍ ସମ୍ବେଦନଶୀଳତାକୁ ପ୍ରତିଫଳିତ କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିବିଏସ୍‌ଇ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ୨ ଟପ୍ପର ଟିନା ଓ ଆଲିଶା

## 'ନିଷ୍ଠା ଓ ପରିଶ୍ରମ ଜାରି ରଖିଲେ ଲକ୍ଷ୍ୟ ନିଶ୍ଚୟ ହାସଲ କରିପାରିବ'

**ଭୁବନେଶ୍ୱର, ୧୬/୦୪**
**ନ୍ୟୁଜ ବ୍ୟୁରୋ**

ଚଳିତବର୍ଷର ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି କୃତୀତ୍ୱ ହାସଲ କରିଛନ୍ତି ଓଡ଼ିଶାର ଦୁଇ ଛାତ୍ରୀ। ସେମାନେ ହେଲେ ଟିନା ରଥ ଏବଂ ଆଲିଶା ବିଶ୍ୱାଳ। ତାଙ୍କର ଏହି ସଫଳତା ପାଇଁ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟଙ୍କୁ ଭେଟିଛନ୍ତି। ଉଭୟଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ନିଷ୍ଠା ଓ ପରିଶ୍ରମ ଜାରି ରଖିଲେ ଲକ୍ଷ୍ୟ ନିଶ୍ଚୟ ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଚଳିତବର୍ଷର ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ୨ ଛାତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ କୃତୀ ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଙ୍କୁ ଉତ୍ତରୀୟ ପ୍ରଦାନ ସହିତ ରୂପା ତାରକସିରେ ନିର୍ମିତ ଉପହାର ଦେଇଛନ୍ତି। ଭବିଷ୍ୟତରେ ସେମାନେ ଆହୁରି ସଫଳତା ହାସଲ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ ଏହା କହିଛନ୍ତି। ଉଭୟ ଛାତ୍ରୀ ଭବିଷ୍ୟତରେ ସଫଳ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାର ଟପ୍ପର ଟିନା ରଥ ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି। ଏହା



ସହିତ ଦ୍ୱିତୀୟ ଟପ୍ପର ଆଲିଶା ବିଶ୍ୱାଳ ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ଜାରି ରଖିବାକୁ କହିଛନ୍ତି। ଉଭୟ ଛାତ୍ରୀଙ୍କ ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଟିନା ରଥ ପୁରୀର ମଦର୍ସ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ରୀ ଅଟନ୍ତି। ଉଭୟ ମୋଟ ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିଛନ୍ତି। ଦୁହେଁ ଓଡ଼ିଶାର ସିବିଏସ୍‌ଇ ଟପ୍ପର ଭାବେ କୃତୀତ୍ୱ ହାସଲ କରିଛନ୍ତି। ପୁରୀର ଟିନା ରଥଙ୍କ ପିତା ସମୀର କୁମାର ରଥ ଓ ମାତା ରେଣୁ ପ୍ରଭା ଦାସ ଅଟନ୍ତି। ସେହିପରି ଭୁବନେଶ୍ୱର ୟୁନିଟ୍-୯ରେ ବାସ କରୁଥିବା ଆଲିଶା ବିଶ୍ୱାଳଙ୍କ ପିତା ହେଉଛନ୍ତି ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ।

# ସିବିଏସଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ



**ଭୁବନେଶ୍ୱର, ୧୬/୦୪**
**ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୧୦୦% ନମ୍ବର୍ ରଖିଥିବା ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୦୦% ନମ୍ବର୍ ରଖି ଓଡ଼ିଶାର ଗୌରବ ବଢାଇଥିବା ମେଧାବୀ ଛାତ୍ରୀ ଟିନା ରଥ ଏବଂ ଆଲିଶା ବିଶ୍ୱାଳଙ୍କ ସମେତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ପ୍ରତିଟି ଛାତ୍ରଛାତ୍ରୀ ନିଜ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଜୀବନରେ ଆହୁରି ସଫଳତା ହାସଲ କରନ୍ତୁ। ସଭିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ବାଲୁଗାଁରେ ପ୍ରଥମ ଥର ଏପ୍ରିଲ ୨୪ରୁ ଆୟୋଜିତ ହେବ ଚିଲିକା ପୁସ୍ତକ ମେଳା



**ଭୁବନେଶ୍ୱର ୧୬।୪**
**ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଚିଲିକା ପୁସ୍ତକ ମେଳା। ଏହି ମେଳା ଆସନ୍ତା ଏପ୍ରିଲ ୨୪ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଚିଲିକା କୂଳରେ ଥିବା ବାଲୁଗାଁ କଲେଜ ପଡିଆରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଓ ଭୁବନେଶ୍ୱର ପ୍ରକାଶକ ସଂଘର ସଦସ୍ୟମାନେ ଯୋଗଦେଇ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହିତ ଏହି ମେଳାର ସଫଳତା ଉପରେ ସେମାନେ ନିଜସ୍ୱ ମତ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ୫ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶକ ମାନେ ପ୍ରାୟ ୮୦ଟି ଷ୍ଟଲ ମାଧ୍ୟମରେ ସେମାନଙ୍କର ପୁସ୍ତକ ପ୍ରଦର୍ଶନ ତଥା ବିକ୍ରୟ କରିବେ। ଏଥିସହିତ ଏହି ମେଳାରେ ବିଭିନ୍ନ ଖାଦ୍ୟ ଷ୍ଟଲ ମଧ୍ୟ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ଦିନରେ ଏହି ମେଳାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ପ୍ରଥମ ଦିନରେ ସାଂସଦ ସମ୍ବିତ ପାତ୍ର, ଜିଲ୍ଲାପାଳ ଅମ୍ରିତ ଋତୁରାଜ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ସାହିତ୍ୟିକ ଡ. ଶଶାଙ୍କ ଶେଖର ଚୂଡ଼ାମଣି ଯୋଗ ଦେବେ। ସେହିପରି ଅନ୍ୟ ଦିନ ମାନଙ୍କରେ ମନ୍ତ୍ରୀ ରବି ନାରାୟଣ ନାୟକ, ମନ୍ତ୍ରୀ ସଂପଦ ସ୍ୱାଇଁ, ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ବାବୁ ସିଂ, ବିଧାୟକ ବିଭୂତି ବଳବନ୍ତରାୟ, ବିଧାୟିକା ଉପାସନା ମହାପାତ୍ର, ବିଧାୟକ ପ୍ରଦୀପ ସାହୁ, ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ବିଧାୟକ ନବ ମଲ୍ଲିକ ବିଭିନ୍ନ ଦିନରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାହିତ୍ୟ ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିତ୍ୱ ସୌମ୍ୟରଞ୍ଜନ ପଟ୍ଟନାୟକ, ସାହିତ୍ୟିକା ଅର୍ଚ୍ଚନା ନାୟକ, ସାହିତ୍ୟିକ ଗୌରହରି ଦାସ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଏହି ମେଳାରେ ଅତିଥି ଭାବେ ଯୋଗଦେବେ। ଏହି ବୈଠକରେ ପୁସ୍ତକ ମେଳା କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶରତ ପାଇକରାୟ, କମିଟି ଉପସଭାପତି ସୁବାସ ଶ୍ରୀଚନ୍ଦନ, ଉପଦେଷ୍ଟା ଡକ୍ଟର ଶଶାଙ୍କ ଶେଖର ଚୂଡାମଣି, ପ୍ରକାଶ ପ୍ରଧାନ ଏବଂ ସନ୍ତୋଷ ବଳିୟାରସିଂ ପ୍ରମୁଖ ଯୋଗ ଦେଇଥିଲେ।

# ମେ' ପହିଲାରୁ ଭିତରକନିକା ବନ୍ଦ

**ରାଜନଗର,୧୬/୦୪ ନ୍ୟୁଜ ବ୍ୟୁରୋ**

ବଉଳା କୁମ୍ଭୀରଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ପହିଲାରୁ ବନ୍ଦ ରହିବ। ଏବେ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି। ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ। ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ମେ' ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ମା' କୁମ୍ଭୀର ଅଣ୍ଡା ଦେଇ ସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ। ଏହି ସମୟରେ ସେ ହିଂସ୍ର ହୋଇ ଉଠିଥାଏ। ତେଣୁ ଏହି ସମୟ ମଧ୍ୟରେ ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ନଆସିବା ପାଇଁ ବାରଣ କରାଯାଇଛି।






ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୪୬୭୮
Email : utkaldeepika2016@gmail.com

# ପୂର୍ବ ଦୁଇବର୍ଷ ତୁଳନାରେ କମିଲା କ୍ଷୀର, ମାଂସ ଓ ଅଣ୍ଡା ଉତ୍ପାଦନ

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**



୨୦୧୫ରୁ ୨୦୨୪ ଯାଏ ରାଜ୍ୟରେ କ୍ଷୀର, ମାଂସ ଓ ଅଣ୍ଡା ଉତ୍ପାଦନ ଗ୍ରାଫ୍ ସିଡି ଚଢିବା ଭଳି ବଢିଚାଲିଲା। କିନ୍ତୁ କ'ଣ ହେଲା କେଜାଣି ୨୦୨୫-୨୬ରେ ଉତ୍ପାଦନ ଚିତପଟାଙ୍ଗ ମାରିଛି। ଗତ ୨୦୨୫-୨୬ରେ ଉତ୍ପାଦନ ଗ୍ରାଫ୍ ତଳମୁହାଁ ହୋଇଛି। ବଢିଚାଲୁଥିବା ଉତ୍ପାଦନ କାହିଁ ଖସିଆସୁଛି ତାକୁ ନେଇ ସରକାର ଏବେ ଚିନ୍ତାରେ। ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ ବିଭାଗର ବାର୍ଷିକ ରିପୋର୍ଟ(୨୦୨୫-୨୬)ରୁ ଏହି ତଥ୍ୟ ମିଳିଛି।

୨୦୧୫-୨୦୧୬ରେ ରାଜ୍ୟରେ ବାର୍ଷିକ ୧୯୩୦.୪୭ ମେଟ୍ରିକ ଟନ୍ କ୍ଷୀର, ୧୬୪.୭୫ ମେଟ୍ରିକ ଟନ୍ ମାଂସ, ୧କୋଟି ୯୨ଲକ୍ଷ ଅଣ୍ଡା ଉତ୍ପାଦନ ହେଉଥିଲା। ୨୦୨୩-୨୪ରେ ବାର୍ଷିକ ୨୬୩୫.୯୯ ମେଟ୍ରିକ ଟନ୍ କ୍ଷୀର, ୨୪୨.୩୦ ମେଟ୍ରିକ ଟନ୍ ମାଂସ, ୩ କୋଟି ୭ଲକ୍ଷ ଅଣ୍ଡା ଉତ୍ପାଦନ ହେଲା। ପୁଣି ୨୦୨୪-୨୫ରେ ୨୭୦୦.୯୬ ମେଟ୍ରିକ ଟନ୍ କ୍ଷୀର, ୨୪୬.୩୦ ମେଟ୍ରିକ୍ ଟନ୍ ମାଂସ ଓ ୩କୋଟି ୮ ଲକ୍ଷ ଅଣ୍ଡା ଉତ୍ପାଦନ ହୋଇଥିଲା। ହେଲେ ୨୦୨୫-୨୬ (ଏବର୍ଷ ଜାନୁଆରୀ ସୁଦ୍ଧା) ଉତ୍ପାଦନ କମି ଯାଇଛି। ଏହି ବର୍ଷରେ ୨୫୫୦.୭୧ ମେଟ୍ରିକ ଟନ୍ କ୍ଷୀର, ୨୨୨.୭ ମେଟ୍ରିକ ଟନ୍ ମାଂସ ଓ ୩ କୋଟି ୫ଲକ୍ଷ ଅଣ୍ଡା ଉତ୍ପାଦନ ହୋଇଛି। ଯଦ୍ୱାରା ରାଜ୍ୟରେ ଏସବୁର ଅଭାବ ଦେଖାଦେଇଛି। ଗଲା ଦୁଇବର୍ଷ ଧରି ଉତ୍ପାଦନ ବଢୁଥିଲା। ସେଥିପାଇଁ ସମସ୍ତେ ଚିନ୍ତା ମୁକ୍ତ ଥିଲେ। ମାତ୍ର ଏବର୍ଷ ଉତ୍ପାଦନ କମିବା ପରେ ବିଭାଗରେ ସତର୍କ ଘଣ୍ଟି ବାଜିଛି। ଅଧିକାରୀମାନେ ଗ୍ରାଉଣ୍ଡରେ ତଦନ୍ତ କରିବେ। ଗାଈ କ୍ଷୀର ଦେଉନି କି ବାଟମାରଣା ହେଉଛି ତାକୁ ଖୋଜିବେ। ଗୋଟିଏ ପଟେ ଖାଦ୍ୟ ଉତ୍ପାଦନ କମିଛି, ହେଲେ ଖାଇବା ବାଲାଙ୍କ ଆବଶ୍ୟକ ବଢିଛି। ଯେଉଁଠି ୧୦ବର୍ଷ ତଳେ ଗୋଟିଏ ଲୋକ ଦିନକୁ ୧୨୧ ଗ୍ରାମ୍ କ୍ଷୀର ପିଉଥିଲା, ସେଠି ଏବେ ୧୭୮ ଗ୍ରାମ କ୍ଷୀର ଆବଶ୍ୟକ ହେଲାଣି। ସେହିପରି ୧୦ବର୍ଷ ତଳେ ଜଣେ ଲୋକ ଦିନକୁ ୩.୭୮ କେଜି ମାଂସ ଓ ବର୍ଷକୁ ୪୪ଟି ଅଣ୍ଡା ଖାଉଥିଲେ। ଏବେ ଜଣେ ଲୋକ ଦୈନିକ ୫.୭ କେଜି ଓ ବର୍ଷକୁ ୯୦ଟି ଅଣ୍ଡା ଖାଉଛନ୍ତି। ସେହି ହିସାବରେ ଆନ୍ଧ୍ର, ପଶ୍ଚିମବଙ୍ଗରୁ ମାଂସ ଓ ଅଣ୍ଡା ଆସୁଛି।

ସୂଚନା ଅନୁସାରେ, ଦିନକୁ ୩୭.୧୭ଲକ୍ଷ ଅଣ୍ଡା ଆମଦାନୀ କରାଯାଉଛି। ଏବେ ବାର୍ଷିକ ୩୦୦୦ ମେଟ୍ରିକ ଟନ୍ ମାଂସ, ୩୦୦ ମେଟ୍ରିକ ଟନ୍ କ୍ଷୀର ଓ ୪ କୋଟି ଅଣ୍ଡା ଆବଶ୍ୟକ। ସେହି ହିସାବରେ ରାଜ୍ୟ ସରକାର ଏହାର ଉତ୍ପାଦନ ବଢାଇବାକୁ ଲକ୍ଷ୍ୟ ରଖିଛନ୍ତି। କ୍ଷୀର ଉତ୍ପାଦନ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମାଂସ, ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ କୁକୁଡ଼ା ପାଳନ ଯୋଜନା (କୁକ୍କୁଟ ଉନ୍ନୟନ) ଯୋଜନାକୁ ବ୍ୟାପକ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବିଭାଗୀୟ ତଥ୍ୟ ଅନୁସାରେ, କୁକ୍କୁଟ ଉନ୍ନୟନ ଯୋଜନାରେ ରାଜ୍ୟରେ ଏବେ ୨.୭୪ କୋଟି କୁକୁଡ଼ା ଅଛି। ବାଣିଜ୍ୟିକ ଭିତ୍ତିରେ ୧୮୬ଟି ଫାର୍ମ, ଦୈନିକ ୯୮.୧ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ଘର ଅଗଣାରେ ଓ ଅର୍ଦ୍ଧ ବାଣିଜ୍ୟିକ ଭାବେ ୧୯.୧ଲକ୍ଷ ଅଣ୍ଡା ଉତ୍ପାଦନ କରାଯାଉଛି। ତେଣୁ ମୋଟ ୧୧୭.୨ ଲକ୍ଷ ଅଣ୍ଡା ଆସୁଛି। ଏହି ସର୍ଭେ ଅନୁସାରେ, ଜଣେ ଲୋକ ବର୍ଷକୁ ୮୦ଟି ଅଣ୍ଡା ଓ ୨.୯୫ କିଲୋ ମାଂସ ଖାଉଛି।